

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ - ୧୧ ସଂଖ୍ୟା-୧୭୨ ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୦୬.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.172 Bhubaneswar, Thursday, March 06, 2025


# ରୋଗୀଙ୍କୁ ଲୁଟୁଛନ୍ତି ଘରୋଇ ହସ୍ପିଟାଲ

ନୂଆଦିଲ୍ଲୀ,୫/୩: ଘରୋଇ ହସ୍ପିଟାଲଗୁଡିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ରୋଗୀ ସେବା କ୍ଷେତ୍ରର ବିଭିନ୍ନ ଦିଗରେ ଦୃଢ଼ ନୀତି ନିୟମ ଲାଗୁ କରି ଘରୋଇ ହସ୍ପିଟାଲଗୁଡିକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଥିଲେ ହେଁ ଏହାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ଘରୋଇ ହସ୍ପିଟାଲ ରୋଗୀମାନଙ୍କୁ ଲୁଟି ଚାଲିଛନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିଶେଷକରି ଘରୋଇ ହସ୍ପିଟାଲଗୁଡିକରେ ଔଷଧପତ୍ର ଏବଂ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ରୋଗୀମାନଙ୍କ ପାଇଁ ସବୁଠାରୁ ଚିନ୍ତାଜନକ ହୋଇପଡ଼ିଛି। ଘରୋଇ ହସ୍ପିଟାଲଗୁଡିକର କାରବାରକୁ ନିୟନ୍ତ୍ରଣ କରିବା ପ୍ରସଙ୍ଗରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବା ଅବସରରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ କେ ସିଂ କହିଛନ୍ତି ଯେ, ଘରୋଇ ହସ୍ପିଟାଲ ପରିସରରେ ଔଷଧ ଏବଂ ଆନୁଷଙ୍ଗିକ ଉପକରଣ କିମ୍ବା ସରଞ୍ଜାମର ଚଢ଼ା ଦର ରୋଗୀମାନଙ୍କ ପାଇଁ କାଳ ହୋଇଛି। ବିଶେଷ କରି ଗରିବ ରୋଗୀମାନଙ୍କ ପାଇଁ ଏହା ଅପହଞ୍ଚ ହୋଇପଡୁଛି। ଗୋଟିଏ ଔଷଧ ବାହାର ବଜାରରେ ଅପେକ୍ଷାକୃତ କମ୍ ମୂଲ୍ୟରେ ଉପଲବ୍ଧ ହେଉଥିଲେ ହେଁ ରୋଗୀମାନଙ୍କୁ ଘରୋଇ ହସ୍ପିଟାଲ ପରିସରରେ ରହିଥିବା ଔଷଧ ଦୋକାନରୁ ଔଷଧ କିଣିବାକୁ ବାଧ କରାଯାଉଛି। ଏହାଦ୍ୱାରା ରୋଗୀମାନେ ଖର୍ଚ୍ଚାନ୍ତ ହେଉଥିଲା ବେଳେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ମନଇଚ୍ଛା ଲୁଟୁଛନ୍ତି। ଏସମ୍ପର୍କରେ ରାଜ୍ୟ ସରକାରମାନେ ସବୁକିଛି ଜାଣି ସୁଦ୍ଧା ଅଜଣା ଭଳି ରହୁଛନ୍ତି। ଦେଶରେ ଏତେ ସଂଖ୍ୟାରେ ଘରୋଇ ହସ୍ପିଟାଲ କାର୍ଯ୍ୟ କରୁଥିଲା ବେଳେ ସେଠାରେ କ'ଣ ଘଟୁଛି ସରକାର କିଭଳି ଜାଣିପାରିବେନି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିପାଇଁ କ'ଣ ନ୍ୟାୟିକ ନିର୍ଦ୍ଦେଶ ଦେବାର ଅବକାଶ ଅଛି କି ବୋଲି ଖଣ୍ଡପୀଠ କହିଛନ୍ତି। ଜଣେ ରୋଗୀ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ପରେ ତାଙ୍କୁ ସୁସ୍ଥ କରି ଘରକୁ ଆଣିବା ତାଙ୍କ ପରିବାର ସଦସ୍ୟଙ୍କ ଏକମାତ୍ର ଲକ୍ଷ୍ୟ ରହିଥାଏ। କିନ୍ତୁ ସବୁ ଘରୋଇ ହସ୍ପିଟାଲରେ ରୋଗୀଙ୍କ ନିକଟତମ ଲୋକଙ୍କୁ ହସ୍ପିଟାଲ ପରିସରରୁ ଔଷଧ କିଣିବାକୁ ବାଧ କରାଯାଇଥାଏ। ଏହାକୁ ନେଇ ଅନେକ ସମୟରେ ହସ୍ପିଟାଲ



କର୍ତ୍ତୃପକ୍ଷ କିମ୍ବା ଡାକ୍ତରଙ୍କ ସହ ରୋଗୀଙ୍କ ଲୋକଙ୍କ ସହ ମତାନ୍ତର ହୋଇଥାଏ। ଫଳରେ ଡାକ୍ତର କିମ୍ବା ହସ୍ପିଟାଲ କର୍ମଚାରୀଙ୍କ ସହ ଲୋକଙ୍କ ବିବାଦ ବଢିଥାଏ। ଏଭଳି ସ୍ଥିତି ସଂପର୍କରେ କ'ଣ ରାଜ୍ୟ ସରକାରମାନେ ଅବଗତ ନାହାନ୍ତି ? ସରକାର ଘରୋଇ ହସ୍ପିଟାଲରେ ଏସବୁ ଦିଗରେ କାହିଁକି ନୀତି ନିୟମ ଲାଗୁ କରିପାରିବେନି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। କୌଣସି କ୍ଷେତ୍ରରେ ବିବାଦ ଉପୁଜିଲେ ଘରୋଇ ହସ୍ପିଟାଲରେ ପଞ୍ଚତାରକା ହୋଟେଲ ଭଳି ରୋଗୀଙ୍କୁ ସେବା ଯୋଗାଇ ଦିଆଯାଇପାରୁଛି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଥାଆନ୍ତି। ଯଦି କେହି ଅଧିକ ଯୁକ୍ତିତର୍କ କରନ୍ତି ତେବେ ତାଙ୍କୁ ସିଧାସଳଖ ସରକାରୀ ହସ୍ପିଟାଲ ଯିବାକୁ କୁହାଯାଇଥାଏ। କିନ୍ତୁ ଏହା ସମାଧାନର ବାଟ ନୁହେଁ କି ଏହାକୁ ଏକ ସୁସ୍ଥ ପରମ୍ପରା ବୋଲି ବିଚାର କରାଯାଇପାରିବ କାହିଁକି ଘରୋଇ ହସ୍ପିଟାଲଗୁଡିକୁ ନିୟନ୍ତ୍ରଣ କରିବା ଲାଗି ରାଜ୍ୟ ସରକାରମାନଙ୍କ ନିକଟରେ ନିଶ୍ଚିତ ଭାବେ କିଛି ଆଇନ ରହିଛି। କିନ୍ତୁ ତାହାକୁ କାହିଁକି ଉପଯୋଗ କରାଯାଉ ନାହିଁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ କୋର୍ଟ କିଛି ନିର୍ଦ୍ଦେଶ ଦେବା ଠିକ୍ ହେବ ନାହିଁ। କାରଣ ନ୍ୟାୟିକ ସ୍ତରରେ କିଛି ନିର୍ଦ୍ଦେଶ ଦିଆଗଲେ ତାହାକୁ କଦର୍ଥ କରି ଉପସ୍ଥାପନ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ସମେତ ୭ଟି ରାଜ୍ୟ କହିଥିଲେ ଯେ ଏହାକୁ ନିୟନ୍ତ୍ରଣ କରିବା ଲାଗି ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି। ଜରୁରୀ ଔଷଧର ଦାମକୁ ନିୟନ୍ତ୍ରଣରେ ରଖିବା ସହିତ ଏହାର ଉପଲବ୍ଧତା ପାଇଁ କେନ୍ଦ୍ରର ପରାମର୍ଶ କ୍ରମେ ଘରୋଇ ହସପିଟାଲ ଏବଂ ଔଷଧ କଂପାନୀମାନୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି। ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ଲାଗି ସରକାରୀ ହସପିଟାଲ ପରିସରରେ ଅନେକ ଦୋକାନ ଖୋଲାଯାଇଥିବା ଏହି ରାଜ୍ୟମାନେ କହିଥିଲେ।

## ଡିସିପି ଭାବେ ଦାୟିତ୍ୱ ଗ୍ରହଣ କଲେ ଜଗମୋହନ ମିନା



ଭୁବନେଶ୍ୱର, ୫/୩: ଭୁବନେଶ୍ୱର ନୂଆ ଡିସିପି ଭାବେ ଦାୟିତ୍ୱ ଗ୍ରହଣ କଲେ ଜଗମୋହନ ମିନା। ସେ ପୁଲିସ କମିସନରଙ୍କ ଉପସ୍ଥିତିରେ ପିନାକ ମିଶ୍ରଙ୍କ ଠାରୁ ଏହି ଦାୟିତ୍ୱ ନେଇଛନ୍ତି। ସୂଚନାଯୋଗ୍ୟ, ୨୦୨୪ ସେପ୍ଟେମ୍ବରରେ ଭୁବନେଶ୍ୱରକୁ ଆସିଥିଲେ ନୂଆ ଡିସିପି। ୨୦୧୪ ବ୍ୟାଚ୍ ଆଇପିଏସ୍ ପ୍ରତୀକ ସିଂଙ୍କ ସ୍ଥାନରେ ୨୦୧୧ ବ୍ୟାଚ୍ ଆଇପିଏସ୍ ପିନାକ ମିଶ୍ର ଏହି ପଦବିରେ ଅବସ୍ଥାପିତ ହୋଇଥିଲେ। କିନ୍ତୁ ମାତ୍ର ୫ମାସ ପରେ ପିନାକ ମିଶ୍ରଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ୨୦୧୩ ବ୍ୟାଚ୍ ଆଇପିଏସ୍ ତଥା କଟକ ଡିସିପି ଜଗମୋହନ ମିନାଙ୍କୁ ଭୁବନେଶ୍ୱର ଡିସିପି ଦାୟିତ୍ୱ ଦିଆଯାଇଛି। ରାଜଧାନୀର ଆଇନଶୃଙ୍ଖଳା ଠାରୁ ଆରମ୍ଭ କରି ଟ୍ରାଫିକ୍ ସମସ୍ୟା, ନିଶା କାରବାର, ଅପରାଧ ନିୟନ୍ତ୍ରଣ, ଭିଭିଆଇପି ସୁରକ୍ଷା ଆଦି ପ୍ରସଙ୍ଗ ନୂଆ ଡିସିପିଙ୍କ ପାଇଁ ବଡ଼ ଆହ୍ୱାନ ହେବ। ରାଜଧାନୀରେ ଭିଭିଆଇପି ସୁରକ୍ଷା ଓ ବିଭିନ୍ନ ରାଜନୈତିକ ଦଳର ବିକ୍ଷୋଭ ଆଦିକୁ ସମ୍ଭାଳିବା ମଧ୍ୟ ନୂଆ ଡିସିପିଙ୍କ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିବ। ୧୯୮୯ ମସିହାରେ ରାଜସ୍ଥାନରେ ଜନ୍ମିତ ଶ୍ରୀ ମିନା ୨୦୦୬ ମସିହାରେ ଦିଲ୍ଲୀ କେନ୍ଦ୍ରୀୟ ବିଦ୍ୟାଳୟରୁ ଦ୍ୱାଦଶ ପାସ୍ କରିଥିଲେ। ଏହାପରେ ସେ ଇଂଜିନିୟରିଂ ପଢ଼ିଥିଲେ ଏବଂ ଆଇଆଇଟି କାନପୁରରେ ଯୋଗଦେଇଥିଲେ। ୨୦୧୧ରେ ସେ ଏମଟେକ୍ ଡିଗ୍ରି ହାସଲ କରିଥିଲେ। ସେହି ବର୍ଷ ସେ ଆଇପିଏସ୍ ପରୀକ୍ଷାରେ ସଫଳ ହୋଇପାରିନଥିଲେ। କିନ୍ତୁ ୨୦୧୨ରେ ସେ ଆଇପିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେଲେ। ୨୦୧୩ରେ ସେ କଳାହାଣ୍ଡି ଜିଲ୍ଲାରେ ଏସ୍ଡିପିଓ ଭାବେ ନିଯୁକ୍ତି ପାଇଥିଲେ। ଏହାପରେ ୨୦୧୭ ମସିହାରେ ଏସ୍ପି ଭାବେ ପ୍ରଥମେ ମାଲ୍କାନଗିରିରେ ଯୋଗଦେଇଥିଲେ। ସେଠାରେ ଦୁଇବର୍ଷ କାର୍ଯ୍ୟ ତୁଲାଇବା ପରେ ୨୦୧୯ ମସିହାରେ ଅନୁଗୁଳ ଜିଲ୍ଲା ଏସ୍ପି ଭାବେ ଯୋଗଦେଇଥିଲେ। ୨୦୨୩ରେ ସେ ଗଞ୍ଜାମ ଏସ୍ପି ଭାବେ ଦାୟିତ୍ୱ ନେଇଥିଲେ। ସେଠାରେ ବର୍ଷେ ୯ମାସ କାର୍ଯ୍ୟ କରିବା ପରେ ଗତ ସେପ୍ଟେମ୍ବରରେ କଟକ ଡିସିପି ଭାବେ ଯୋଗଦେଇଥିଲେ।

## କେନ୍ଦ୍ରପଡ଼ା ଯିବେ ସାରଥି



ଭୁବନେଶ୍ୱର, ୫/୩: ସନ୍ତୋଷ ରାଉଳ ଓରଫ୍ ସାରଥିଙ୍କ ନେଇ ଆସିଲା ବଡ଼ ଖବର । ପୁଣି ଚର୍ଚ୍ଚାକୁ ଆସିଛନ୍ତି ସନ୍ତୋଷ ରାଉଳ ଓରଫ୍ ସାରଥି । କେନ୍ଦ୍ରାପଡ଼ା ବାରିମୂଳ ଯିବାକୁ ହାଇକୋର୍ଟଙ୍କ ସର୍ତ୍ତମୂଳକ ଅନୁମତି ମିଳିଛି । ଅସୁସ୍ଥ ଭାଇଙ୍କୁ ଯାଇ ଦେଖା କରିବାକୁ ସର୍ତ୍ତମୂଳକ ଅନୁମତି ଦେଇଛନ୍ତି କୋର୍ଟ। ୨ ମାସକୁ କେବଳ ଥରେ କେନ୍ଦ୍ରାପଡ଼ା ବାରିମୂଳ ଯିବାକୁ ଅନୁମତି ମିଳିଛି। ଆଶ୍ରମ ଯାଇପାରିବେନି, ରାତିରେ କେନ୍ଦ୍ରାପଡ଼ାରେ ରହିପାରିବେନି ବୋଲି ସର୍ତ୍ତ ରହିଛି। ଅନ୍ୟପଟେ ସକାଳ ସାଢ଼େ ୫ରୁ ସନ୍ଧ୍ୟା ସାଢ଼େ ୫ ମଧ୍ୟରେ ଦେଖା କରିପାରିବେ । ଏଥିପାଇଁ ପ୍ରଥମେ ଟ୍ରାଏଲ୍ କୋର୍ଟଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୨ ଶହରୁ ଅଧିକ ଲୋକ ସମାଗମ ନ କରିବା କଟକଣା ବଳବତ୍ତର ରହିଛି। ୨ ଶହରୁ ଅଧିକ ଲୋକ ସମାଗମ ନ କରିବାକୁ ପୂର୍ବରୁ ବି ସର୍ତ୍ତ ରହିଥିଲା । ଏହି ସର୍ତ୍ତ କୋହଳ କରିବାକୁ ସିଧାସଳଖ ମନା କରିଛନ୍ତି ହାଇକୋର୍ଟ । କେନ୍ଦ୍ରାପଡ଼ା ନଯିବାକୁ ଓ ୨ ଶହରୁ ଊର୍ଦ୍ଧ୍ୱ ସମାଗମ ନକରିବାକୁ ଜାମିନ ସର୍ତ୍ତ ରହିଥିଲା । ସୂଚନା ଯୋଗ୍ୟ ଯେ, କେନ୍ଦ୍ରପଡ଼ା ବାରିମୂଳ ଆଶ୍ରମରେ ଧର୍ମ ନାଁରେ ଅପପ୍ରଚାର। ମହିଳାଙ୍କ ସହିତ ଅସଦାଚରଣ ଆଦି ଏକାଧିକ ମାମଲାରେ ଛନ୍ଦି ହୋଇ ଜେଲରେ କିଛି ବର୍ଷ ରହିବା ପରେ ଜାମିନରେ ବାହାରକୁ ଆସିଛନ୍ତି ସାରଥି ଓରଫ ସନ୍ତୋଷ ରାଉଳ । ଭକ୍ତଙ୍କ ସମାବେଶ କିମ୍ବା ପ୍ରବଚନ କାର୍ଯ୍ୟକ୍ରମ କରିବାକୁ ତାଙ୍କ ଉପରେ ବାରଣ ରହିଛି । ସାରଥି ଏବେ କେଉଁଠି ତାହା ସ୍ପଷ୍ଟ ନଥିଲେ ମଧ କିଛି ସ୍ଥାନରେ ସାରଥିଙ୍କ ଅନ୍ଧ ସମର୍ଥକ ପୂଜାର୍ଚ୍ଚନା କରୁଥିବା ଘଟଣା ମଝିରେ ମଝିରେ ସାମ୍ନାକୁ ଆସୁଛି । ଏଠି ପ୍ରଶ୍ନ ଉଠୁଛି, କେବେ ଲୋକଙ୍କ ଭ୍ରମ ତୁଟିବ ? ମିଛ ପଛରେ କେତେ ଦିନ ଧାଉଁଥିବେ ଲୋକେ ? ଏହାର ଉତ୍ତର କଷ୍ଟ। କିନ୍ତୁ ଏହା ସତ ଯେ, ସତ ମିଛ ନପରଖା ପର୍ଯ୍ୟନ୍ତ ଏଭଳି ଘଟଣା ଘଟୁଥିବ । ଫଳରେ ଜନଜୀବନ ଓ ସମାଜ ପ୍ରଭାବିତ ହେଉଥିବ । ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଜରୁରୀ ।

# ଗେରୁଆ ରଙ୍ଗ ହେବ ସରକାରୀ ସ୍କୁଲ

ଭୁବନେଶ୍ୱର, ୫/୩: ବଦଳିବ ସରକାରୀ ସ୍କୁଲ କୋଠାର ରଙ୍ଗ । ଗେରୁଆ ରଙ୍ଗ ହେବ ସମସ୍ତ ସରକାରୀ ସ୍କୁଲ । ସମସ୍ତ ସରକାରୀ ସ୍କୁଲ୍ ରଙ୍ଗ ସମାନ କରିବାକୁ ନିର୍ଦ୍ଦେଶ । ଏନେଇ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଲା OSEPA । ସ୍କୁଲ୍ ନିର୍ମାଣ, ମରାମତି ବେଳେ ରଙ୍ଗ ସମାନ କରିବାକୁ ନିର୍ଦ୍ଦେଶ । ବିଜେଡି ସରକାର ସମୟରେ ସ୍କୁଲ ରଙ୍ଗ ସବୁଜ ଥିଲା । କିଛିଦିନତଳେ ସରକାରୀ କୋଠାର ରଙ୍ଗ ବଦଳାଇ ଥିଲେ ସରକାର । କୋଠାର ବାହ୍ୟ କାନ୍ଥ କମଳା ରଙ୍ଗର ହେବ । ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଏନେଇ ନିର୍ଦ୍ଦେଶନାମା ଜାରି କରିଥିଲେ । ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ପକ୍ଷରୁ ଇଂଜିନିୟର ଇନ ଚିଫଙ୍କୁ ଲେଖାଯାଇଥିବା ଚିଠିରେ ଦର୍ଶାଯାଇଥିଲା ଯେ ନୂଆ ସରକାରୀ କୋଠା ବା ପୁରୁଣା କୋଠାର ରଙ୍ଗ ପରିବର୍ତ୍ତନ ହେବ । ଚିଠିରେ ଲେଖାଯାଇଥିଲା ଯେ ବିଲ୍ଡିଂ କାର୍ଯ୍ୟକ୍ଷମ ଥିଲେ ମରାମତି କିମ୍ବା ନବୀକରଣ ବେଳେ ରଙ୍ଗ ବଦଳିବ । ବାହାର କାନ୍ଥ କମଳା ରଙ୍ଗର ହେବାକୁ ଥିବାବେଳେ ବର୍ଡ଼ରରେ ନାଲି ରଙ୍ଗ ଦିଆଯିବ । ଉଲ୍ଲେଖ ଥାଉ କି ଏହା ପୂର୍ବରୁ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ବଦଳିବ ବୋଲି କୁହାଯାଇଥିଲା । ଗୋଟିଏ ବର୍ଷ ପରେ ରଙ୍ଗ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ୨୦୨୩-୨୪ ଶିକ୍ଷାବର୍ଷରେ ବିଜେଡି ସରକାର ସମୟରେ ଛାତ୍ରଛାତ୍ରୀଙ୍କ ୟୁନିଫର୍ମର ରଙ୍ଗ 'ହଣ୍ଟର ଗ୍ରିନ୍' କରାଯାଇଥିଲା। ଏବେ ତାହାକୁ ବଦଳାଯାଇ ବାଦାମି ରଙ୍ଗର ଗାରପକା ସାର୍ଟ ଓ ଖଇରିଆ ରଙ୍ଗର ପ୍ୟାଣ୍ଟ ରଖିବାକୁ ନିଷ୍ପତ୍ତି ହୋଇଥିଲା ।

## ସାର୍ବଜନୀନ ହେବନି ଚାବି ହଜିବା ରିପୋର୍ଟ

କଟକ,୫/୩: ହାଇକୋର୍ଟରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ନୂଆ ମୋଡ଼ ଆସିଛି । ରାଜ୍ୟ ସରକାର ଏନେଇ ଏକ ସତ୍ୟପାଠ ଦାଖଲ କରିଛନ୍ତି । ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି । ଚାବି ହଜିବା ଘଟଣାର ତଦନ୍ତ କରୁଥିବା ଜଷ୍ଟିସ ରଘୁବୀର ଦାସ କମିସନ ତଦନ୍ତ ଶେଷ ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇ ସାରିଛନ୍ତି । ଆବେଦନକାରୀ ଚାବି କାହିଁକି ହଜିଲା ଓ କେମିତି ହଜିଥିଲା ଏନେଇ ରାଜ୍ୟବାସୀ ଜାଣିବା ଦରକାର ବୋଲି ଆବେଦନରେ ଦର୍ଶାଇଥିଲେ । ସରକାର କମିସନଙ୍କ ରିପୋର୍ଟ ସାର୍ବଜନୀନ କରିବାକୁ ବାଧ ନୁହନ୍ତି ବୋଲି ସତ୍ୟପାଠରେ କୁହାଯାଇଛି । ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ।

# ବିଜୁ ବାବୁ ଲୋକଙ୍କ ହୃଦୟରେ ଅଛନ୍ତି : ନବୀନ

ଭୁବନେଶ୍ୱର,୫/୪: ବିଜୁ ବାବୁଙ୍କ ୧୦୯ ତମ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଭାଷଣ । ଓଡିଶାବାସୀଙ୍କ ପ୍ରିୟ ନେତା, ମହାନ ଜନନାୟକ, ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି । ସାହସ ଏବଂ କରୁଣାରେ ପରିପୂର୍ଣ୍ଣ ଏକ ବିଶାଳ ହୃଦୟ ସହିତ ଜଣେ ଉଚ୍ଚ ପୁରୁଷଙ୍କ ଚିତ୍ର ଆମ ମନକୁ ଆସେ । ସେ ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ପାଇଁ ବିଶ୍ୱାସର ସ୍ତମ୍ଭ ଥିଲେ । ମୁଁ ପୂର୍ବରୁ କହିଥିଲି ଯେ ବିଜୁ ବାବୁ ନିରନ୍ତର ଏକ ଧାରଣା, ମାନବିକ ଆକାଂକ୍ଷାର ବ୍ୟାପକତାକୁ ସାକାର କରିବାର ଏକ ଧାରଣା, ଓଡ଼ିଆ ସ୍ୱାଭିମାନ, ନିସ୍ୱାର୍ଥପର ସେବା ଏବଂ ସଶକ୍ତିକରଣର ଏକ ଧାରଣା ।ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଓଡ଼ିଶାରେ କ୍ଷମତାକୁ ଆସିବା ପରେ, ବିଜେପି ସରକାର ବିଜୁ କ୍ରୀଡ଼ା ପୁରସ୍କାରର ନାମ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ଲୋକଙ୍କ ତୀବ୍ର ପ୍ରତିବାଦର ସମ୍ମୁଖୀନ ହୋଇ, ସେମାନେ ନିଜ ନିଷ୍ପତ୍ତିରୁ ଫେରିବାକୁ ବାଧ ହୋଇଥିଲେ। ରାଜ୍ୟ ସାରା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବାର ଲଜ୍ଜାଜନକ ଘଟଣା ଘଟିଛି । ଦୋଷୀମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏବଂ ବର୍ତ୍ତମାନ ପଞ୍ଚାୟତିରାଜ ଦିବସ ପାଳନକୁ ୫ ମାର୍ଚ୍ଚରୁ ଅନ୍ୟ କୌଣସି ତାରିଖରେ ପରିବର୍ତ୍ତନ କରିବାର ନିଷ୍ପତ୍ତି ଏହା ହୀନମନ୍ୟତା ଅଟେ । ୧୯୯୩ ମସିହାରୁ ଓଡ଼ିଶାରେ ୫ ମାର୍ଚ୍ଚକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରାଯାଉଥିଲା। ୩୦ ବର୍ଷରୁ ଅଧିକ ସମୟ ଧରି ରାଜ୍ୟ ୫ ମାର୍ଚ୍ଚରେ ପଞ୍ଚାୟତିରାଜ ଦିବସ ପାଳନ କରିଆସୁଛି। ଏପରି ନିଷ୍ପତ୍ତି ନେବାର କାରଣ କ'ଣ ?ମୁଁ ଗୋଟିଏ କଥା କହିବାକୁ ଚାହେଁ । ଆପଣ ପୁରସ୍କାରର ନାମ ବଦଳାଇ ପାରିବେ, ତାଙ୍କ ପ୍ରତିମୂର୍ତ୍ତିକୁ ବିକୃତ କରିପାରିବେ, ତାରିଖ ପରିବର୍ତ୍ତନ କରିପାରିବେ, କିନ୍ତୁ ଆପଣ ବିଜୁ ବାବୁଙ୍କ ପ୍ରତି ଓଡ଼ିଶାବାସୀଙ୍କର ପ୍ରେମ ଏବଂ ସ୍ନେହକୁ ଛଡ଼ାଇ ନେଇପାରିବେ ନାହିଁ। ସେ ଲୋକଙ୍କ ହୃଦୟରେ ବାସ କରନ୍ତି ।

# 'ସୁଭଦ୍ରା'କୁ ନେଇ ମେୟର-ବିଧାୟକ କଥା କଟାକଟି



ଭୁବନେଶ୍ୱର, ୫/୩: ମେୟର ବିଧାୟକ କଥା କଟାକଟି। ସୁଭଦ୍ରା ରାଲିରେ କଥା କଟାକଟି ହେଲେ ଭୁବନେଶ୍ୱର ମେୟର ଏବଂ ଏକାମ୍ର ବିଧାୟକ। ସୁଭଦ୍ରା ଯୋଜନାକୁ କଟାକ୍ଷ କଲେ ମେୟର ସୁଲୋଚନା ଦାସ। କହିଲେ ୫ ହଜାର ଟଙ୍କାରେ ମହିଳା କିଭଳି ସଶକ୍ତ ହେବେ ? କେତେ ମହିଳା ସଶକ୍ତ ହୋଇଛନ୍ତି ? ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପାଉଛନ୍ତି ମହିଳା। ପୂର୍ବ ସରକାରରେ ୧୫ ହଜାରରୁ ୧୫ ଲକ୍ଷ ଯାଏଁ ଇଣ୍ଟ୍ରେଷ୍ଟ ଫ୍ରି ଋଣ ଦିଆଯାଉଥିଲା। ତେବେ ସୁଭଦ୍ରା ଯୋଜନାରେ କିଭଳି ଜଣେ ସଶକ୍ତ ହେବ ବୋଲି କଟାକ୍ଷ କରିଛନ୍ତି ମେୟର। ସେପଟେ ସୁଲୋଚନାଙ୍କୁ କଡ଼ା ଜବାବ ଦେଇଛନ୍ତି ଭୁବନେଶ୍ୱର-ଏକାମ୍ର ବିଧାୟକ। ବିଜେପି ବିଧାୟକ ବାବୁ ସିଂ କହିଛନ୍ତି ୨୪ ବର୍ଷରେ ସେ ଯାହା କରିନଥିଲେ ତାହା ଆମେ କରିଛୁ। ଭୋଟ ବ୍ୟାଙ୍କ ହାତରୁ ଚାଲିଯାଉଛି ବୋଲି ଭୟ କରୁଛନ୍ତି। ସେ କଥାରୁ ଦୂରେଇ ରୁହନ୍ତୁ ମେୟର। ବିଗତ ସରକାର ଯଦି ଚାହୁଁଥିବେ ମାଆମାନଙ୍କୁ ବ୍ରେକ ଦେବେ କିନ୍ତୁ ସେମାନେ ପାରିବେ ନାହିଁ। ଆମେ ଏହାକୁ ନେଇ ବିତର୍କ କରିବା ନାହିଁ ବୋଲି କହିଛନ୍ତି ବିଧାୟକ ବାବୁ ସିଂ। ଏପଟେ ସୁଭଦ୍ରା ଯୋଜନାରେ ସହାୟତା ପାଇବାକୁ ଆଶା ରଖିଥିବା ମହିଳାଙ୍କୁ ଚଳିତ ମାସ ଶେଷ ସୁଦ୍ଧା ଆବେଦନ କରିବାକୁ ପଡ଼ିବ। ମାର୍ଚ୍ଚ ୩୧ ଭିତରେ ଆବେଦନ କଲେ ଆସନ୍ତା ରାକ୍ଷୀ ପୂର୍ଣ୍ଣିମାରେ ଏକାଥରେ ମିଳିବ ୩ଟି ଯାକ କିସ୍ତି। 'ସୁଭଦ୍ରା' ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ଆସନ୍ତା ୬ ତାରିଖରେ ମ୍ୟାଜିକ ନମ୍ବର ୧ କୋଟି ଛୁଇଁବାକୁ ଯାଉଛି। ପୂର୍ବରୁ ୯୮ ଲକ୍ଷରୁ ଅଧିକ ମହିଳା ପ୍ରଥମ କିସ୍ତି ଟଙ୍କା ପାଇସାରିଥିବା ବେଳେ ଆସନ୍ତା ୬ ତାରିଖରେ ବାକି ୧ ଲକ୍ଷ ୭୦ ହଜାର ମହିଳାଙ୍କୁ ପଞ୍ଚମ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା ମିଳିବ। ଏହାର ଦିନକ ପରେ ଅର୍ଥାତ୍ ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ କୋଟିଏ ମହିଳା ଦ୍ୱିତୀୟ କିସ୍ତିର ୫ ହଜାର ଲେଖାଏଁ ଟଙ୍କା ପାଇବେ। ବ୍ରହ୍ମପୁରରୁ ଡିବିଟି ମାଧ୍ୟମରେ ଏହି ସହାୟତା ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୮ ମାସ ଭିତରେ ଗୋଟିଏ ଯୋଜନାରେ କୋଟିଏ ମହିଳାଙ୍କୁ ଯୋଡ଼ିବା ଏକ ଇତିହାସ ବୋଲି କହିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଗୋଟିଏ ପଟେ ଦ୍ୱିତୀୟ କିସ୍ତି ଟଙ୍କା ପାଇବାକୁ ସୁଭଦ୍ରା ହିତାଧିକାରୀମାନେ ଚାହିଁ ବସିଥିବା ବେଳେ, ଏବେବି ଅନେକଙ୍କୁ ମିଳିନି ପ୍ରଥମ କିସ୍ତିର ଖୁସି। ଚାରି ପାଞ୍ଚ ମାସ ପୂର୍ବରୁ ଆବେଦନ ଓ ବାରମ୍ବାର ଡକୁମେଣ୍ଟ ଦାଖଲ କରିଥିଲେ ମଧ୍ୟ ସହାୟତାରୁ ବଞ୍ଚିତ ଥିବା କହିଛନ୍ତି ବହୁ ମହିଳା। ସେମାନେ ପଞ୍ଚମ ପର୍ଯ୍ୟାୟରେ ସହାୟତା ପାଇବେ ବୋଲି ଆଶା ବାନ୍ଧିଛନ୍ତି। ସେପଟେ ଆଉ କିଛି ମହିଳାଙ୍କ ନାଁ ହିତାଧିକାରୀ ତାଲିକାରୁ କଟିବାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିବା ଦେଖିବାକୁ ମିଳିଛି।

# କୁଳପତିମାନଙ୍କୁ ରାଜ୍ୟପାଳଙ୍କ ପରାମର୍ଶ: କ୍ୟାମ୍ପସ୍‌ରେ ଯୌନ ନିର୍ଯାତନା ରୋକ

ଭୁବନେଶ୍ୱର,୫/୩: ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା ରୋକିବା ଦିଗରେ ବିହିତ ପଦକ୍ଷେପ ନେବାର ସମୟ ଆସିଛି। ଏଥିସହ ଡିଜିଟାଲ ଯୁଗରେ ସାଇବର ଅପରାଧ ବୃଦ୍ଧି ପାଉଥିବାରୁ ସାଇବର ନିରାପତ୍ତା ପାଇଁ ବିଶ୍ୱବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ପଡ଼ିବ। ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, ଦାୟିତ୍ୱବାନ ଓ ଦେଶପ୍ରେମୀ ଭାବେ ଗଢ଼ି ତୋଳିବାକୁ ହେବ। ଏଥିପାଇଁ ଏନ୍‌ସିସିରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବାକୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଆଜି ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଶ୍ରୀ କମ୍ଭମ୍‌ପାଟି କହିଲେ, 'ବିକଶିତ ଓଡ଼ିଶା-ବିକଶିତ ଭାରତ' ଗଠନରେ ବିଶ୍ୱବିଦ୍ୟାଳୟ ହେଉଛି ଭିତ୍ତିଭୂମି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଗତ ଉତ୍କର୍ଷତା ଏବଂ ଛାତ୍ର କଲ୍ୟାଣର ତତ୍ତ୍ୱାବଧାରକ ଭାବେ କ୍ୟାମ୍ପସ୍‌ରେ ସୁରକ୍ଷିତ, ଅନ୍ତର୍ନିବେଶୀ ଓ ଶୃଙ୍ଖଳିତ ପରିବେଶ ସୁନିଶ୍ଚିତ କରିବା ଦିଗରେ କୁଳପତିମାନେ କାର୍ଯ୍ୟ କରନ୍ତୁ। ବିଶ୍ୱବିଦ୍ୟାଳୟ ହେଉଛି ଜ୍ଞାନ, ନବସୃଜନ ଓ ଦାୟିତ୍ୱବାନ ନାଗରିକ ସର୍ଜନାର କେନ୍ଦ୍ର।



ରାଷ୍ଟ୍ର ଗଠନରେ ଉଚ୍ଚଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିଶ୍ୱବିଦ୍ୟାଳୟ ମୁଖ୍ୟ ଭାବେ ଶୈକ୍ଷିକ ରୂପରେଖ, ନବସୃଜନକୁ ପ୍ରୋତ୍ସାହିତ ଏବଂ ଅନୁଷ୍ଠାନକୁ ଜ୍ଞାନ ଓ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବାରେ କୁଳପତିଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଜାତୀୟ ଶିକ୍ଷାନୀତି(ଏନ୍‌ଇପି)-୨୦୨୦ ଦ୍ୱାରା ବହୁମୁଖୀ ଶିକ୍ଷା, ଗବେଷଣା, ଦକ୍ଷତା ବିକାଶ ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଯୋଗାଇବ। ନୂତନ ଶିକ୍ଷାନୀତିରେ ଅଭିନବ ଶିକ୍ଷା ପଦ୍ଧତିକୁ ଗ୍ରହଣ, ଗବେଷଣା ଇକୋସିଷ୍ଟମ୍‌କୁ ସୁଦୃଢ଼ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଓ ଅନ୍ତର୍ଜାତୀୟ ଅନୁଷ୍ଠାନ/ପ୍ରତିଷ୍ଠାନ ସହିତ ସମନ୍ୱୟ ଓ ସହଯୋଗ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଛାତ୍ରଛାତ୍ରୀଙ୍କୁ କେବଳ ନିଯୁକ୍ତି ପାଇଁ ପ୍ରସ୍ତୁତ ନକରି ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବା ଲାଗି ପ୍ରସ୍ତୁତ କରିବାରେ ନୂତନ ଶିକ୍ଷାନୀତି ସହାୟକ ହେବ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ସୁପରିଚାଳନା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶ, କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ, ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତି ଓ ଏହାର ଅନୁପାଳନ, ଆର୍ଥିକ ସ୍ୱଚ୍ଛତା, ଦାୟିତ୍ୱପୂର୍ଣ୍ଣ ବଜେଟ୍ ପ୍ରସ୍ତୁତି, ପାଣ୍ଠିର ସୁବିନିଯୋଗ, ନିୟମିତ ଅଡିଟ୍, ନିର୍ଦ୍ଧାରିତ ସମୟରେ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାମିଲ ହୋଇ ଉଚ୍ଚଶିକ୍ଷା ସହିତ ଜଡ଼ିତ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ/ଶାସନ ସଚିବ ଓ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତା ବିଭିନ୍ନ ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଏନ୍‌ଇପି-୨୦୨୦ ସହ ବିଶ୍ୱବିଦ୍ୟାଳୟ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ୍ ସ୍ୱାଗତ ଭାଷଣ ସହ କୁଳପତି ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କୁ ଅଣଦେଖା କାହିଁକି

## ପରିଚୟ ପତ୍ର ପ୍ରଦାନ କ୍ଷେତ୍ରରେ ପୋଲିସ ର ଅବହେଳା



ବୌଦ୍ଧ, ୫/୩ (ନି.ପ୍ର): ବୌଦ୍ଧ ହରଭଙ୍ଗା ବ୍ଲକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ କମିଟି ର ତ୍ରୟୋଦଶ ବୈଠକ ପୁରୁଣାକଟକ ସତ୍ୟନାରାୟଣ ମନ୍ଦିର ଠାରେ ଜନକ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ ପାଇଁ ଆବଶ୍ୟକୀୟ କାଗଜ ପତ୍ର ପୁରୁଣାକଟକ ଥାନା ଅଧିକାରୀ ଙ୍କ ଜରିଆରେ ଅରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ କୁ ପଠା ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ମିଳି ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା । ବ୍ଲକ ଓ ଜିଲ୍ଲା କାର୍ଯ୍ୟାଳୟ କୁ ଦୂର ଦୁରାନ୍ତ ରୁ ଆସୁଥିବା ବରିଷ୍ଠ ନାଗରିକ ଙ୍କ ବିଶ୍ରାମ ଓ ରାତ୍ର ରହଣି ପାଇଁ ଚାରିଛକ ଠାରେ ଜମି ଚିହ୍ନଟ କରି ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ଓ ତହସିଲଦାର ନର୍ଦ୍ଧାରିତ ଫର୍ମ ରେ ଦରଖାସ୍ତ କରାଯାଇଅଛି । ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଯଥାଶୀଘ୍ର ଯୋଗାଇଦେବା ପାଇଁ ତହସିଲଦାର ଙ୍କୁ ଅନୁରୋଧ କରାଗଲା । ସମ୍ପାଦକ ବାଳକୃଷ୍ଣ ନାୟକ ପୂର୍ବ ବୈଠକ ବିବରଣୀ ପଠନ କରିଥିଲେ । ବୈଠକରେ ଉପସଭାପତି ଜନ୍ମେଜୟ ପ୍ରଧାନ, ଯୁଗ୍ମ ସମ୍ପାଦକ ଶରତ ମାଝୀ, କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ସେଠି, ଉପଦେଷ୍ଟା ସଦସ୍ୟ ଲବ କିଶୋର ପ୍ରଧାନ, ଲବ କୁମାର ଅମାତ, ସୁବାସ ଚନ୍ଦ୍ର ସାହୁ, ରବୀନ୍ଦ୍ର ସାହୁ, ଚୈତନ୍ୟ ପ୍ରଧାନ, ଭାଗିରଥି ଦାସ ଆଲୋଚନାରେ ଭାଗ ନେଇଥିଲେ । କାର୍ଯ୍ୟକାରୀ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଟପାଡ଼ ବ୍ଲକ ଠାରେ ସ୍ୱତନ୍ତ୍ର ସମିତି ବୈଠକ ଅନୁଷ୍ଠିତ




କୋଟପାଡ୍, ୫/୩ (ନି.ପ୍ର): କୋଟପାଡ଼ ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ସମ୍ପର୍କିତ ଏକ ସ୍ୱତନ୍ତ୍ର ବୈଠକ,ବ୍ଲକ ଅଧକ୍ଷା କମଳା ଭତରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୁପୁ ଭତରା,ବ୍ଲକ ଭାରପ୍ରାପ୍ତ ବିଡ଼ିଓ ଶକ୍ତି ମହାପାତ୍ର,ସାଂସଦ ପ୍ରତିନିଧି ରାମେଶ୍ୱର ଜେନା,ବ୍ଲକ ଉପାଧକ୍ଷ ତପନ ପାଣିଗ୍ରାହୀ,ଜିଲ୍ଲା ପରିଷଦ ସଭ୍ୟା ଗୀତା ମାଝୀ,ତ୍ରିପତି ଚଲାଣ,କନିଷ୍ଠ ଯନ୍ତ୍ରୀ ସନ୍ତୋଷ ସିଂ ବାଘ ପ୍ରମୁଖ ମଞ୍ଚ ବିରାଜମାନ ଥିଲେ । ଆଜିର ଏହି ବୈଠକ ରେ ପ୍ରତେକ ପଞ୍ଚାୟତର ସରକାରୀ ନିୟମାବଳୀ ଓ ଆର୍ଥିକ ବଜେଟ ଉପସ୍ଥାପନା କରାଯାଇ କିପରି ଭାବରେ ଶିକ୍ଷା,ଗମନାଗମନ,ସ୍ୱାସ୍ଥ୍ୟ ଏବଂ ଭାଗବତ ଟୁଙ୍ଗି, କଲ୍ୟାଣ ମଣ୍ଡପ ଆଦିକୁ ଗୁରୁତ୍ୱ ଦିଆଯାଇ ଗାଇଡ଼ଲାଇନ ଉପସ୍ଥିତ କରି ସମସ୍ତ ସମିତି ସଭ୍ୟ,ସମସ୍ତ ପିଇଓ, ସମସ୍ତ ସରପଞ୍ଚ ଓ ସମସ୍ତ ବିଭାଗରୁ ଆସିଥିବା ଅଧିକାରୀ ମାନଙ୍କ ସମ୍ମୁଖରେ ଉପସ୍ଥାପନା କରାଯାଇଥିଲା । ଏହି ପରି ସମସ୍ତ ପ୍ରୋଜେକ୍ଟ ଗୁଡିକ ସଂଗ୍ରହ ପରେ ଜିଲ୍ଲାକୁ ହସ୍ତାନ୍ତର କରାଯିବ ବୋଲି ବ୍ଲକ ଭାରପ୍ରାପ୍ତ ବିଡ଼ିଓ ପ୍ରକାଶ କରିଥିଲେ ।

# ବାଳିକା ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ବଣାଇ, ୫/୩ (ନି.ପ୍ର):ବଣାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଜାତୀୟ ବିଜ୍ଞାନ ଦିବସ ପ୍ରଧାନ ଶିକ୍ଷକ କାଶୀନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗଣିତ ଓ ବିଜ୍ଞାନ କ୍ଲବ ଆନୁକୂଲ୍ୟରେ ଛାତ୍ର ଛାତ୍ରୀ ମାନେ ସିଭି ରମଣଙ୍କ ଉଦ୍ଦେଶ୍ୟରେ ଗଣିତ ଏବଂ ବିଜ୍ଞାନ ଭିତ୍ତିକ ବିଜ୍ଞାନ ମେଳା ଓ କୁଇଜ୍ ପ୍ରତିଯୋଗିତା ପ୍ରଦର୍ଶନ କରିଥିଲେ । ଏହି ବିଜ୍ଞାନ ଦିବସରେ ମୁଖ୍ୟ ଅତିଥି ଭାବରେ କରେଇପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛନ୍ଦା ଚରଣ ଡଗରା, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ପ୍ରଗତିବାଦୀ ସାମ୍ବାଦିକ ପ୍ରଦୀପ କୁମାର ସାହୁ ଉପସ୍ଥିତ ରହି ଜଗନ୍ନାଥଙ୍କ ଠାରେ ପୁଷ୍ପ ଓ ଦ୍ୱୀପ ପ୍ରଜ୍ଜଳନ କରି ଶୁଭାରମ୍ଭ କରିଥିଲେ। ତାପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ମେଳାକୁ ବୁଲି ଦେଖିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅମ୍ରିତା ମହାରଣା, ଶିକ୍ଷକ ଚନ୍ଦ୍ର ଶେଖର ପାତ୍ର, ଶିକ୍ଷକ ନଳିନୀ କୁମାର ସେଠି, ଶିକ୍ଷୟିତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ , ଶିକ୍ଷୟିତ୍ରୀ ମାନସୀ ପେଣ୍ଟେଇ, ଶିକ୍ଷୟିତ୍ରୀ କୁମାରୀ ସୁଷମା, ଶିକ୍ଷକ ଉମେଶ ଚନ୍ଦ୍ର ପ୍ରଧାନ, ଶିକ୍ଷୟିତ୍ରୀ ଗୀତା ମୁଣ୍ଡା, ରୋଜ୍ମି ଜନ୍ନି ମିଞ୍ଜ, ୟଙ୍ଗ ଚାନ୍ଦ ଓଝା, ନୀତିଶ କୁମାର ମହାନ୍ତ, ସୁଜାତା ମହାନ୍ତି, ପ୍ରତିମା ବେହେରା, ସବିତା ପ୍ରଧାନ, ମିନା ରାଣୀ ମିଶ୍ର, ନୀରେଶ ମହାନ୍ତ , ସୌରଭ ନାୟକ, ଜୟରାମ ମହାନ୍ତ ପ୍ରମୁଖ ବିଜ୍ଞାନ ଦିବସକୁ ପରିଚାଳନା କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଭଲ ପ୍ରଦର୍ଶନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରା ଯାଇଥିଲା କ୍ଷ

# ୱେବ ମିଡ଼ିଆ ମହାସଂଘ ଆଠମଲ୍ଲିକ ପକ୍ଷରୁ ଅବସରପ୍ରାପ୍ତ କନେଷ୍ଟବଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଆଠମଲ୍ଲିକ, ୫/୩ (ନି.ପ୍ର): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କିଶୋର ନଗର ବ୍ଲକ ଅନ୍ତର୍ଗତ ବଇଣ୍ଡା ଫାଣ୍ଡି ର ଅବସରପ୍ରାପ୍ତ କନେଷ୍ଟେବଲ ବିରେନ୍ଦ୍ର କୁମାର ପ୍ରଧାନ ଙ୍କୁ ବାବା ଧବଳେଶ୍ୱର ୱେବ ମିଡ଼ିଆ ମହାସଂଘ ପକ୍ଷରୁ ବଇଣ୍ଡା ଫାଣ୍ଡି ପରିସର ମଧ୍ୟରେ ସମ୍ବର୍ଧନା କରାଯାଇଛି। ଶ୍ରୀ ପ୍ରଧାନ ଜଣେ ଶାନ୍ତ ଶିଷ୍ଟ ସରଳ ହୃଦୟବାନ ଦକ୍ଷ ପୋଲିସ କନେଷ୍ଟବଳ ପଦବୀରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । ସେ ମେଳାପୀ ପରୋପକାରୀ ଯାହାଯ୍ୟ ସହଯୋଗ କାରି ଲୋକଙ୍କ ପାତ୍ର ହୋଇପାରିଥିଲେ । ବଇଣ୍ଡା ଅଂଚଳରେ ସମସ୍ତଂକ ସହ ସୁ ସମ୍ପର୍କ ରଖି ୪ ବର୍ଷ ହେବ ବଇଣ୍ଡା ଫାଣ୍ଡି ରେ କାର୍ଯ୍ୟ କରି ଆସୁଥିଲେ।ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରି ଙ୍କ ତତ୍ତ୍ୱାବଧାନରେ ବାବା ଧବଳେଶ୍ୱର ୱେବ ମିଡ଼ିଆ ମହାସଂଘ ଆଠମଲ୍ଲିକ ସୌଜନ୍ୟ ରେ ଅବସର ପ୍ରାପ୍ତ କନେଷ୍ଟବଲ ବିରେନ୍ଦ୍ର କୁମାର ପ୍ରଧାନ ଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ଫାଣ୍ଡିର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସଭାପତି ବଂଶୀଧର ସେଠି, ସମ୍ପାଦକ କରୁଣାକର ନାୟକ, କୋଷାଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ, ଉପଦେଷ୍ଟା ଦୀପକ କୁମାର ସାହୁ, ସଭ୍ୟ ଶ୍ରୀ ବୁଲୁ ଦଳେଇ,ଧନଞ୍ଜୟ ନାୟକ, ରାକେଶ ମିଶ୍ର, ସଞ୍ଜୟ ଟାଙ୍ଗୀ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସାମିଲ ଥିଲେ ।

# ବାଲିଆପାଳ ବ୍ଲକ ପରିସରରେ କଂଗ୍ରେସ୍, ବିଜେଡ଼ି ଓ ବିଜେପିର ଧସ୍ତାଧସ୍ତି:ଡଗରା ସରପଞ୍ଚ ଗୁରୁତର

ବସ୍ତା ୫/୩ (ନି.ପ୍ର):ବାଲିଆପାଳ ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମର ବୈଠକ ଚାଲିଥିଲା ବେଳେ କଂଗ୍ରେସ,ବିଜେପି ଓ ବିଜେଡି ସରପଞ୍ଚ ଓ ସଦସ୍ୟ ମୁହାଁମୁହିଁ ଓ ହାତାହାତି ସମୟରେ ଡଗରା ପଞ୍ଚାୟତର ସରପଞ୍ଚ ଗୁରୁତ୍ୱର ଆହତ,ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି। ଗୁରୁତ୍ୱର ସରପଞ୍ଚ ହେଲେ ସତ୍ୟାନନ୍ଦ ମହାନ୍ତି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ଆଜି ରାଜ୍ୟ ସରକାରଙ୍କର ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଚାଲିଥିଲା !ଏହି ସମୟରେ ବ୍ଲକର ସମସ୍ତ ପଂଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲାପରିଷଦ ଉପସ୍ଥିତ ଥିଲେ !କୌଣସି କଥାକୁ ନେଇ ହୋହାଲ୍ଲା ହେବା ସହିତ ହାତାହାତି ହୋଇଥିଲା !ଏହି ସମୟରେ ଡଗରା ପଂଚାୟତ ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ମୁଣ୍ଡ ଫାଟିବା ସହ ଗୁରୁତ୍ୱ ହୋଇଥିଲେ !ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର,ଖବର ପାଇ ଘଟଣା ସ୍ଥଳରେ ବାଲିଆପାଳ ପୋଲିସ ପହଞ୍ଚି ତଦନ୍ତ ଜାରୀ ରଖିଛି ।

# ଲଘୁ ଖଣିଜ ପଦାର୍ଥର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ ବୈଠକ



ବଣାଇ ୫/୩ (ନି.ପ୍ର): ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଲଘୁ ଖଣିଜ ପଦାର୍ଥର ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ ଉପଖଣ୍ଡସ୍ତରୀୟ କମିଟି ଓ ତହସିଲ ସ୍ତରୀୟ ଏନଫୋର୍ସମେଣ୍ଟ କମିଟି ଗଠନ କରାଯାଇଛି କ୍ଷ ଉପଖଣ୍ଡସ୍ତରୀୟ କମିଟିରେ ଉପଜିଲ୍ଲାପାଳ ପାନପୋଷ ଅଧକ୍ଷ ଅଛନ୍ତି । ଏହା ସହିତ ଏସଡିପିଓ , ଏସସିଏଫ,ତହସିଲଦାର ,ଥାନା ଅଧିକାରୀମାନେ ସଦସ୍ୟ ଓ ମାଇନିଂଗ ଅଧିକାରୀଙ୍କୁ ସଂଯୋଜକ ରଖା ଯାଇଛି । ସେହିପରି ତହସିଲ ସ୍ତରୀୟ କମିଟି ରେ ତହସିଲଦାର ଅଧକ୍ଷ ଅଛନ୍ତି କ୍ଷ ରେଜଂ ଅଧିକାରୀ ଓ ସଂପୃକ୍ତ ଅଂଚଳର ଆଇଆଇସି ମାନେ ସଦସ୍ୟ ଏବଂ ମାଇନିଂ ଅଫିସର କିମ୍ବା ଜୁନିୟର ମାଇନିଂଗ ଅଫିସର ସଂଯୋଜକ ରହିଛନ୍ତି । ଏହି ପରିପ୍ରେକ୍ଷିରେ କମିଟି ଗଠନ ହେଲା ପରେ ଗୁରୁବାର ଦିନ ଉପଖଣ୍ଡ ସ୍ତରୀୟଏନଫୋର୍ସମେଣ୍ଟ କମିଟି ପ୍ରଥମ ବୈଠକ ଉପଜିଲ୍ଲାପାଳ ପାନପୋଷ ଶ୍ରୀ ବିଜୟ ନାୟକଙ୍କ ଅଧକ୍ଷତା ରେ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏଥିରେ ପାନପୋଷ ଉପଖଣ୍ଡରେ ବାଲି , ପଥର , ଚିପ୍ସ ,ମେଟାଲ ଆଦିର ଚୋରା ଚାଲାଣ ରୋକିବା ପାଇଁ ପୋଲିସ ଓ ରାଜସ୍ୱ ବିଭାଗ ମିଳିତ ଭାବରେ କାର୍ଯ୍ୟ କରିବ ଓ ଏନଫୋର୍ସମେଣ୍ଟ କୁ ଆହୁରି ମଜବୁତ କିପରି କରିପାରିବ ସେ ଦିଗର ଆଲୋଚନା କରାଯାଇଥିଲା କ୍ଷ ଉପଜିଲ୍ଲାପାଳ ଲଘୁ ଖଣିଜ ପଦାର୍ଥ ର ବହୁଳ ବ୍ୟବହାର ହୋଉଥିବାର ଏହାର ଚୋରା ଚଲାଣ ଉପରେ କଟକଣା ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ , ଏସଡିପିଓ ପାନପୋଷ ଅମ୍ବିତ ମହାନ୍ତି , ଏସଡିପିଓ ବିରମିତ୍ରପୁର ସୁଶାନ୍ତ ଦାସ, ମାଇନିଂଗ ଅଧିକାରୀ ଅଜୟ କୁମାର ଗିରି ସମେତ ବିଭିନ୍ନ ଥାନା ର ଥାନ ଅଧିକାରୀ, ଅତିରିକ୍ତ ତହସିଲଦାରମାନେ ଉପସ୍ଥିତ ଥିଲେ ।

# ସ.ବଲାଙ୍ଗ ଛକରେ ଥିବା ଆରୋ ପ୍ଲାଣ୍ଟ ପ୍ରକଳ୍ପ ଠପ୍ , ଲୋକେ ଅସନ୍ତୋଷ

ବଣାଇଁ, ୫/୩ (ନି.ପ୍ର): ଆରୋ ପ୍ଲାଣ୍ଟ ଅଚଳ ହୋଇପଡିବା ଯୋଗୁ ଲୋକଙ୍କୁ ବିଶୁଦ୍ଧ ପାଣି ମିଳିପାରୁନି । ବଣାଇଁ ବ୍ଲକ ସ.ବଲାଙ୍ଗ ପଂଚାୟତ ଅଧିନସ୍ଥ ବଲାଙ୍ଗ ଛକରେ ତିଆରି ହୋଇଥିବା ଆରୋ ପ୍ଲାଣ୍ଟ ଦୀର୍ଘ ଦିନ ହେବ ଅଚଳ ହୋଇଥିବା ବେଳେ ଏହାକୁ ମରାମତି କରି ସକ୍ଷମ କରିବାକୁ କାହାରି ଆନ୍ତରିକତା ଥିବା ପରି ଦୃଶ୍ୟମାନ ହେଉନାହିଁ । ବିଶୁଦ୍ଧ ପାଣି ଯୋଗାଇ ଦେବାର ବ୍ୟବସ୍ଥା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା । ନିକଟରେ ଡାକ୍ତରଖାନା, ଦୁଇଟି ସ୍କୁଲ, ବଜାର ଯିବା ରାସ୍ତା ଓ ସାପ୍ତାହିକ ବଜାର ଯାଉଥିବା ଲୋକମାନଙ୍କୁ ପାଇଁ ତିଆରି କରାଗଲା , ଆଶା କରାଯାଉଥିଲା ଏହି ପ୍ଲାଣ୍ଟ ହେବା ଦ୍ୱାରା ବଲାଙ୍ଗ ଏବଂ ନିକଟସ୍ଥ ଦେଓଗଡ଼ ଜିଲ୍ଲା, କୁଚିଣ୍ଡା ଅଞ୍ଚଳରୁ ଆସୁଥିବା ସାଧାରଣ ଜନତା କୌଣସି ଦୋକାନରୁ ପାଣି ବୋତଲ ନ କିଣି ଏଠାରେ ବିଶୁଦ୍ଧ ପାଣି ପାଇ ପାରିବେ । ହେଲେ ପଞ୍ଚାୟତ କର୍ତୃପକ୍ଷଙ୍କ ନା ବ୍ଲକ୍ କର୍ତୃପକ୍ଷ ଙ୍କ ଅବହେଳା ଯୋଗୁ ଏହା ଦୀର୍ଘ ଦିନ ହେବ ଅଚଳ ହୋଇଥିବା ଅଭିଯୋଗ ହେଉଛି । ଦଶମ ଶ୍ରେଣୀ ପରିକ୍ଷା କେନ୍ଦ୍ର ଉକ୍ତ ଆରୋ ପ୍ଲାଣ୍ଟ ନିକଟରେ ହେଉଥିବା ବେଳେ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ପାଣି ଟିକିଏ ପାଇଁ ହିନସ୍ତା ହେଉଥିବା ଅଭିଯୋଗ ହେଉଛି । ଏହି ପ୍ଲାଣ୍ଟ କୁ ପ୍ରଶାସନ ପକ୍ଷରୁ ଶୀଘ୍ର ପିଇବା ପାଣି ସୁବିଧା କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ଜନମାନସରେ ଏ ନେଇ ଅସନ୍ତୋଷ ବଢିଚାଲିଛି ।

# ନାଲିବତୀ ଗାଡ଼ି ବୁଲିବା ବ୍ୟସ୍ତ:ସୁରକ୍ଷା ପାଉନାହାଁନ୍ତି ଲୋକେ

ବସ୍ତା ୫/୩ (ନି.ପ୍ର): ରାଜ୍ୟ ସରକାର ପୋଲିସ ପ୍ରଶାସନ ଜନସାଧାରଣଙ୍କୁ ସୁରକ୍ଷା ରୂପକ ସେବା ଯୋଗାଇ ଦେବା ପାଇଁ ଓ ବନ୍ଧୁକ ପରିବର୍ତ୍ତେ ବନ୍ଧୁତ୍ୱର ସମ୍ପର୍କ ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ମଧ ବସ୍ତା ଥାନା ଓ ଅମର୍ଦାରୋଡ ଫାଣ୍ଡି ଅଞ୍ଚଳ ର ଜନସାଧାରଣ ପୋଲିସ ସୁରକ୍ଷାରୁ ବଞ୍ଚିତ ହୋଇ ଦିନକୁ ଦିନ ଡକାୟତି ଓ ଲୁଟେରାଙ୍କ ଶିକାର ହେଉଛନ୍ତି।ସୂଚନା ଥାଉକୁ ଯେ, ଅମର୍ଦାରୋଡ ବଜାର ଅଞ୍ଚଳରୁ ଗତ କିଛିଦିନ ଭିତରେ ୬/୭ଟି ଗାଡ଼ି ଚୋରି ହୋଇଗଲାଣି।ତେବେ ଚୋରି ଉପଦ୍ରବ ବୃଦ୍ଧି ପାଉ ଥିବା ନେଇ ସାଧାରଣରେ ଆତଙ୍କ ଖେଳି ଯାଇଛି । ବସନ୍ତପୁର ଗ୍ରାମର ତଥା ଅମର୍ଦାରୋଡ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ପୂର୍ବତନ ସରପଞ୍ଚଙ୍କ ରବୀନ୍ଦ୍ର ମହାନ୍ତି ବାସଭବନରୁ ଗତକାଲି (ଗୁରୁବାର) ପ୍ରାୟ ଅପରାହ୍ନ ୩ଟା ରୁ ୩.୩୦ ଘଟିକା ସମୟରେ ଘରେ ପଶି ଏକ ମଟରସାଇକେଲ ନମ୍ବର ଓଡ଼ି ୦୧ ଏଏଫ ୪୧୭୭ ବିଶିଷ୍ଟ ବାଇକ ଚୋରି କରିନେଇ ପଳାଇଥିବା ଜଣାପଡ଼ିଛି।ଏନେଇ ଫାଣ୍ଡିରେ ଅଭିଯୋଗ ହୋଇଛି।ଘଟଣାରୁ ପ୍ରକାଶ ଏହି କି ଯେ, ଅମର୍ଦାରୋଡ ଫାଣ୍ଡି ଠାରୁ ୨/୩ ଶହ ମିଟର ଦୂରରେ ଥିବା ପୂର୍ବତନ ସରପଞ୍ଚ ଶ୍ରୀ ମହାନ୍ତି ଘର ଭିତରେ ଛିଡା ହୋଇଥିବା ବାଇକକୁ ନେଇ ପଳାଇ ଥିବା ଜଣାପଡିଛି।ଶ୍ରୀ ମହାନ୍ତିଙ୍କ ପରିବାର ଲୋକେ ଘର ଭିତରେ ଥିବାବେଳେ ସୁଜଗ ଦେଖି ପ୍ରଥମେ ଦୁର୍ବୃତ୍ତ ମାନେ ବାହାରୁ କବାଟ ଛିଟିକିଣି ବନ୍ଦ କରିଦେଇ ଥିଲେ।ପରେ ବାଇକାକୁ ଦୁର୍ବୃତ୍ତ ମାନେ ନେଇ ପଳାଇଥିଲେ।ପରେ ଘର ଲୋକେ କବାଟ ଖୋଲିବାକୁ ବେଳକୁ କବାଟ ବାହାରୁ ପଟରୁ ବନ୍ଦ ଥିବା ଜାଣିବାକୁ ପାଇଥିଲେ।ଆଖପାଖ ଲୋକେ କବାଟ ଖୋଲିବା ପରେ ଘର ବାଉଣ୍ଡରି ଭିତରେ ରଖିଥିବା ସ୍ଥାନରେ ବାଇକ ନାହିଁ ତାଙ୍କ ଗାଡ଼ି ଚୋରି ହୋଇ ଯାଇଛି।ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।ଏଥିରୁ ସ୍ପଷ୍ଟ ବାରି ହେଉଛି ଯେ, ପୋଲିସ ଗାଡ଼ି ବୁଲି ବାରେ ବ୍ୟସ୍ତ ହେଲେ ସୁରକ୍ଷା ପାଉନାହାଁନ୍ତି ଲୋକେ। ବାରମ୍ବାର ଚୋରି ହେଉଛି ତେବେ ଘଟଣା ସମ୍ପର୍କରେ ପଚାରିଲେ ତଦନ୍ତ ପ୍ରକ୍ରିୟା ଚାଲିଛି ହେଲେ ପୋଲିସ ଚୋର ଧରିବାରେ ବିଫଳ। ଖାଲି ମାମଲା ରୁଜୁ କରି ହାତ ବାନ୍ଧି ବସିଥିବା ପରି ମାନେ ହେଉଛି।ଚୋରି, ଡକାୟତି ଓ ଲୁଟ ଆଦି ଦୈନିକ ଖବର କାଗଜରେ ପ୍ରକାଶିତ ହେଉଥିଲେ ହେଁ ପୋଲିସ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ପଡ଼ିଥିବା ପରି ମାନେ ହେଉଥିବା ବଜାର ଘାଟରେ ଆଲୋଚନାରରୁ ଜାଣିବାକୁ ମିଳିଛି।

# ମାଫିଆଙ୍କ ଦାୟିତ୍ୱରେ ବାଲୁକା ଅଞ୍ଚଳସୁରକ୍ଷା ସଚେତନତା ସଭା




ଧାମନଗର ୫/୩ (ନି.ପ୍ର): ଭଦ୍ରକ ଜିଲ୍ଲା ଲଘୁ ଖଣି ବିଭାଗ ପକ୍ଷରୁ ବାଲି ଚୋରି ପ୍ରବଣ ଅଞ୍ଚଳରେ ବାଲୁକା ସୁରକ୍ଷା ସଚେତନତା ସଭା ପ୍ରହସନ ରେ ପରିଣତ ହୋଇଛି । ଏହି ସଭାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଯୋଗ ଦେଇନଥିଲେ।ଲଘୁ ଖଣିଜ ବିଭାଗର ଏହି ସଚେତନ ସଭା (ବାଲୁକା ଅଞ୍ଚଳ ସୁରକ୍ଷା ଅଭିଯାନ) କୁ ବାଲି ମାଫିଆମାନଙ୍କ ଦ୍ୱାରା ଆୟୋଜିତ ଓ ପରିଚାଳିତ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବାଲିମାଫିଆଙ୍କ ସହ ସଦାସର୍ବଦା ଯୋଗସୂତ୍ର ରଖିଥିବା ଲଘୁଖଣିଜ ବିଭାଗର କେତେକ କର୍ମଚାରୀମାନେ ସଭାକୁ ନାମମାତ୍ର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମ ଧାମନଗର ବ୍ଲକର ଆନନ୍ଦପୁର ପଞ୍ଚାୟତର ମାନଲାପୁର ସ୍ଥିତ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହୋଇଥିଲା।ସ୍ଥାନୀୟ ଅଞ୍ଚଳର ସମାଜସେବୀ ନାରାୟଣ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ସଭାରେ ଧାମନଗର ଭାରପ୍ରାପ୍ତ ତହସିଲଦାର ସାଇ ସିଲୋନା,ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ ଦାଶ,ଲଘୁ ଖଣିଜ ଅଧିକାରୀ ଅନିଲ କୁମାର ଦାସ,ଧାମନଗର ବନବିଭାଗ କର୍ମଚାରୀ ରେବତୀ ତ୍ରିପାଠୀ,ସ୍ଥାନୀୟ ସରପଞ୍ଚ ମୀନା ମାଝୀ, ପୂର୍ବତନ ସରପଞ୍ଚ ଶରତ ମାଝୀ,ପୂର୍ବତନ ସମିତି ସଭ୍ୟ ରମେଶ ପତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବାଲି ଚୋରିକୁ ବିରୋଧ କରିବା ଓ ଅଧିକାରୀମାନଙ୍କୁ ସୂଚନା ଦେବାପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଲୋକ ଦେଖାଣିଆ ଅନୁରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଏଥିନେଇ ସୂଚନା ଫଳକ ଲଗାଯାଇଥିଲା। ଆନ୍ତରିକତା ଅଭାବ ଥ ିବା ଏଭଳି ସଭାର ଆୟୋଜନକୁ ଚୋର ହାତରେ ଚାବିକାଠି ବୋଲି ସ୍ଥାନୀୟ ଅଞ୍ଚଳବାସୀ ପକ୍ଷରୁ କଡା ସମାଲୋଚନା କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ,ଯେ ଆନନ୍ଦପୁର ଅଞ୍ଚଳର ବୈତରଣୀ ନଦୀରୁ ବିଭିନ୍ନ ବେଆଇନ ଘାଟ କରା ଯାଇ ଉକ୍ତ ଅଞ୍ଚଳର ବାଲି ମାଫିଆ ମାନେ ଅହରହ ବାଲି ଚୋରି କରୁଛନ୍ତି।ତେବେ ସେହି ମାନଙ୍କୁ ନେଇ ଖଣି ବିଭାଗ ସଚେତନ କରିବାଟା କେତେଦୂର ସମିଚୀନ ସେ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ସଚେତନ ନୁହେଁ ଯେପରି ଖଣି ବିଭାଗ ଓ ବାଲି ମାଫିଆଙ୍କ ବନ୍ଧୁ ମିଳନ ଭଳି ସଭାଟି ଦେଖା ଯାଉଥିଲା।ପ୍ରଚାର ପ୍ରସାର କରାଯାଇ ନଥିବାରୁ ଏହି ନାମକୁ ମାତ୍ର ସଚେତନତା ସଭାକୁ ସେପରି ଲୋକ ଆସିନଥିଲା।

# ହରି ଗହୀରଙ୍କର ଦୁଃଖରେ ବିଡିଓଙ୍କୁ ଦାବି ପତ୍ର ଦେଲେ କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଂଗଠନ



ଧର୍ମଗଡ ୫/୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ତେଣ୍ଡା ପାଳି ପଞ୍ଚାୟତ ଅନ୍ତର ଗତ ସାଗବାହିଲି ଘଣ୍ଟି ଗୁଡା ତେଲି ପଡା ର ହରି ଗହୀର ସ୍ତ୍ରୀ ମାଳତୀ ଗହୀର ଙ୍କ ଆଧାର କାର୍ଡ, ଭୋଟ ଫୋଟୋ ପରିଚୟ ପତ୍ର, ନ ଥିବା ଜଗୁ ତାଙ୍କୁ ଚାଉଳ, ଭତା, ଘର ଖଣ୍ଡେ ପ୍ରଶାସନ ଓ ରାଜ ନେତା ଙ୍କ ଅବହେଳା ଜଗୁ ସରକାର ଙ୍କର ସୁବିଧାରେ ବଞ୍ଚିତ. ହରି ଗହୀର ଏବଂ ସ୍ତ୍ରୀ ମାଳତୀ ଗହୀର ଉଭୟଙ୍କ ବୟସ ୮୨ରୁ ୮୩ ହେବ କିନ୍ତୁ ଦେଶ ସ୍ୱାଧୀନ ହୋଇକି ୭୬ ବର୍ଷ ବିତି ଯାଉ ଥିଲେ ବି ୨୫ବର୍ଷ ବିଜେଡି ଶାସନ ପରିବର୍ତନ ବେଳେ ଆଜ କୁ ବିଜେପି ସରକାର ୯ମାସ ହେବ କିନ୍ତୁ ଆଜି ପର୍ଯ୍ୟନ୍ତ ହରି ଗହୀର ଙ୍କୁ ଅଣଦେଖା କରିବାର ପ୍ରଶ୍ନବାଚି ସୃଷ୍ଟି ହେଉଛି। ବିବିନ୍ନ ପ୍ରକାର ଗଣ ମାଧମରେ ପ୍ରଚାର ପ୍ରସାର ହେଇ ଥିବା ବେଳେ କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଙ୍ଘଟନ ଧର୍ମଗଡ ସଭାପତି ମାଧବ ଠାକୁର ନେତୃତ୍ୱ ରେ ଆଜି ବିଡ଼ିଓଙ୍କୁ ତାଙ୍କ ଟିମ ସାକ୍ଷ୍ୟାତ କରି ଦାବି ପତ୍ର ଦେଇ ଥିଲେ। ଏହି ଦାବି ସମୟରେ ସଂଘଟନ ର ଭାଇସ ପ୍ରେସିଡେଣ୍ଟ ବିଜୟ ଦାସ, ମହିଳା ସଂଘଟନ ସଭା ପତି ସ୍ୱାମଣି ସୋନି, ସମ୍ପାଦିକା ଲଳିତା ଛତ୍ରୀୟା, ପ୍ରଦୀପ ସେଠିଆ, କ୍ଷେତ୍ର ମୋହନ ନାଗ, ସମସ୍ତେ ଉପସ୍ଥିତ ରହି ହରି ଗହୀରଙ୍କୁ ଆଧାର କାର୍ଡ, ଭୋଟ ଫୋଟୋ, ତିଆରି କରିବା ପାଇଁ ହରି ଗହୀର ଏବଂ ତାଙ୍କ ସ୍ତ୍ରୀ ଘରକୁ ଆସି ବିଡ଼ିଓ ସାର ଅନୁରୋଧ କରି ଥିଲେ ଅନ୍ତଦୟ, ଗୃହ,ଚାଉଳ, ଭତା ବିବିନ୍ନ ପ୍ରକାର ଯୋଜନା ରେ ସରକାର ଙ୍କ ତରଫରୁ ଯୋଗେଇ ଦେବା ପାଇଁ କହି ଥିବା ବେଳେ ସ୍ଥାନୀୟ ଗୌରାଙ୍ଗ ନାଗ ଏବଂ ଆଧାର ବିଭାଗକୁ ତୁରନ୍ତ କରିବାକୁ ଆଦେଶ ଦେଇଛନ୍ତି।

# ବୋରିଗୁମ୍ମା ବ୍ଲକରେ ପଞ୍ଚାୟତ ସମିତି ବୈଠକ, ଯୋଗଦେଲେ କୋଟପାଡ଼ ବିଧାୟକ



କୋରାପୁଟଜିଲ୍ଲା ୫/୩ (ନି.ପ୍ର): ବୋରିଗୁମ୍ମା ପଞ୍ଚାୟତ ସମିତି ସଭାଗୃହ ଠାରେ ପଞ୍ଚାୟତ ସମିତି ବୈଠକ ଓ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଅନୁମଦନ ବୈଠକ ବୋରିଗୁମ୍ମା ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକଙ୍କ ଅଦକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ଶ୍ରୀ ରୁପୁ ଭତ୍ରା କୋରାପୁଟ ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଢ଼ି. ଜିଲ୍ଲା ପରିଷଦ ପିଙ୍କୁ ଶତପଥୀ ଉପାଦକ୍ଷ ରାଧା କାନ୍ତ ସାମନ୍ତରାୟ. ଜୟପୁର ବିଧାୟକ ପ୍ରତିନିଧି ଅଶୋକ ଗନ୍ତାୟତ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମେଶ୍ୱର ଜେନା ବୋରିଗୁମ୍ମା ଥାନା ଅଧିକାରୀ ଯୁଗଳ କିଶୋର ସାହା ବୋରିଗୁମ୍ମା ଗୋଷ୍ଠୀ ଉନୟନ ସନ୍ଧ୍ୟାରାଣୀ ସମରଥ. ସହାୟକଯନ୍ତ୍ରୀ ସତ୍ୟନାରାୟଣ ସେଠି ଏବଂ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ କ୍ଷ ପାନୀୟ ଜଳ.ବିଜୁଳି ଆବାସ ଗୃହ.. ରାସ୍ତା. ଚୋରୀହାରି ବୃଦ୍ଧି. ନେଟୱାର୍କ ସମସ୍ୟା ଭଳିକୁ ନେଇ ଆଲୋଚନା କରାଯାଇଥିଲା ବେଳେ ଭିବିନ ଗ୍ରାମ କିପରି ବିକଶିତ ହୋଇପାରିବ ତାହା ନେଇ ଆଲୋଚନା କରାଯାଇଥିଲା । ଏହି ବୈଠକ ରେ ବୋରିଗୁମ୍ମା ବ୍ଲକର ଏକତ୍ରିସ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତରହି ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନା କରିଥିବା ଦେଖିବାକୁ ମିଳିଥିଲା।

# ଅଧିକ ଚିନ୍ତାଗ୍ରସ୍ତ ଭାରତୀୟ ମହିଳା



ଗତ ୧୦ ବର୍ଷ ମଧ୍ୟରେ ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ଆସିଛି। ଲୋକଙ୍କ ଚାପ, କ୍ରୋଧ ଓ ଚିନ୍ତାର ସ୍ତର ବଢ଼ଚାଲିଛି। ଏବେ ଲୋକେ ପୂର୍ବାପେକ୍ଷା ଅଧିକ ଉଦାସ ଓ ଦୁଃଖୀ ରହୁଛନ୍ତି। ପୁରୁଷଙ୍କ ଅପେକ୍ଷା ମହିଳା ବେଶି ଏହାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ପରିବର୍ତ୍ତିତ ମାନସିକ ସ୍ଥିତି ଜାଣିବା ଓ ସେମାନଙ୍କ ଭାବନାକୁ ବୁଝିବା ପାଇଁ ଗ୍ୟାଲପ୍ ୱ୍ୱର୍ଲଡ ପୋଲ୍ ୨୦୧୨ରୁ ୨୦୨୧ ମସିହା ପର୍ଯ୍ୟନ୍ତ ୧୫୦ ଦେଶର ୧୨ ଲକ୍ଷ ଲୋକଙ୍କ ଉପରେ ସର୍ଭେ କରିଥିଲା। ଏଥିରୁ ଜଣାପଡ଼ିଲା, ୧୦ ବର୍ଷ ତଳେ ମହିଳା-ପୁରୁଷଙ୍କ କ୍ରୋଧ ଓ ଚାପ ସ୍ତର ସମାନ ଥିଲା। କିନ୍ତୁ ଗତ ୧୦ ବର୍ଷରୁ ମହିଳାଙ୍କ ଚାପ ଅଧିକ ବଢ଼ିଛି। ସେମାନେ ଏବେ ଅଧିକ କ୍ରୋଧାନ୍ୱିତ ହେଉଛନ୍ତି। ତଥ୍ୟ ଅନୁସାରେ, ବିଶ୍ୱରେ ମହିଳାଙ୍କ କ୍ରୋଧ ସ୍ତର ପୁରୁଷଙ୍କଠାରୁ ୬ ପ୍ରତିଶତ ଅଧିକ। ଭାରତ ଓ ପାକିସ୍ତାନର ମହିଳାଙ୍କ ଚାପ ଓ କ୍ରୋଧର ସ୍ତର ବିଶ୍ୱଠାରୁ ଦୁଇଗୁଣ। ଅର୍ଥାତ ୧୨ ପ୍ରତିଶତ। ଭାରତରେ ପୁରୁଷଙ୍କ କ୍ରୋଧ ସ୍ତର ୨୭.୮ ପ୍ରତିଶତ। ମହିଳାଙ୍କଠାରେ ଏହି ସ୍ତର ୪୦.୬ ପ୍ରତିଶତ। କରୋନା ମହାମାରୀର ଦୁଇ ବର୍ଷ ମଧ୍ୟରେ ଏହି ସ୍ତର ଅଧିକ ବଢ଼ିଛି । ମନୋବୈଜ୍ଞାନିକ ଡା. ଲକ୍ଷ୍ମୀ ବିଜୟ କୁମାର ବିଶ୍ୱରେ ମହିଳାଙ୍କର ବଢୁଥିବା ଚାପ ଓ କ୍ରୋଧର କାରଣ ବିଷୟରେ କହିଛନ୍ତି, ବିଶ୍ୱର ତମାମ ଦେଶରେ ମହିଳା ପୂର୍ବାପେକ୍ଷା ଅଧିକ ଶିକ୍ଷିତ ହୋଇଛନ୍ତି । ଚାକିରି କରିବା ସହ ଆତ୍ମନିର୍ଭରତାକୁ ନେଇ ଆତ୍ମବିଶ୍ୱାସ ଆସିଛି। ବାହାରେ ସମାନତା ବିଷୟରେ ଚର୍ଚ୍ଚା ହେଉଥିବାବେଳେ ଘରେ କିନ୍ତୁ ପୁରୁଷକେନ୍ଦ୍ରିକ ବ୍ୟବସ୍ଥା ଏବେ ବି ରହିଛି । ଏହି ଅସନ୍ତୁଳନ ମଧ୍ୟରେ ଘାଣ୍ଟି ହେଉଥିବା ମହିଳା ଏବେ ସ୍ୱର ଉଠାଇ ନିଜ କ୍ରୋଧ ଜାହିର କରୁଛନ୍ତି । ଗତ ଦଶନ୍ଧି ଭିତରେ ମହିଳା ନିଜର ଭାବନା ବ୍ୟକ୍ତ ପାଇଁ ଆଗକୁ ଆସୁଛନ୍ତି । କିନ୍ତୁ କାମ ଅପେକ୍ଷା ବେତନ କମ୍ ? ମିଳୁଛି ଓ ସେମାନଙ୍କଠାରୁ ଅଧିକ ଆଶା କରାଯାଉଛି । ଏଥିପାଇଁ ସେମାନଙ୍କର କ୍ରୋଧ ବଢୁଛି ।

# ହାତରେ ବାରକୋଡ୍‌ର ଟାଟୁ



ଅନେକ ଲୋକ ଟାଟୁ କରିବା ପାଇଁ ପସନ୍ଦ କରିଥାଆନ୍ତି। କିଏ ଫୁଲର ଟାଟୁ ଆଙ୍କିଥାଏ ତ କିଏ ଭଗବାନଙ୍କର ବିଭିନ୍ନ ପ୍ରତିଛବିର ତ ଆଉ କିଏ ନିଜର ବାପା-ମା'ଙ୍କ ଦସ୍ତଖତର। ନିକଟରେ ଜଣେ ବ୍ୟକ୍ତି ବାରକୋଡର ଟାଟୁ ଆଙ୍କିଥିବା ଦେଖିବାକୁ ମିଳୁଛି। ତେବେ ଫଟୋ ଦେଖି ଆପଣଙ୍କୁ ହୁଏତ ଆଶ୍ଚର୍ଯ୍ୟ ଲାଗୁଥାଇ ପାରେ କି ଏମିତି ଟାଟୁ ବ୍ୟକ୍ତି ଜଣକ କାହିଁକି କରାଇଛନ୍ତି। କାରଣ ବାରକୋଡ ପ୍ରଡକ୍ଟ କିମ୍ବା ଟଙ୍କା ସ୍କାନ କରିବା ପାଇଁ ହୋଇଥାଏ। ଏଭଳି କ୍ଷେତ୍ରରେ କୌଣସି ବ୍ୟକ୍ତି ତାଙ୍କ ଶରୀରରେ ବାରକୋଡ ଟାଟୁ କରିବା ଘଟଣା ଆଶ୍ଚର୍ଯ୍ୟ କରି ଦେଉଛି। ଦେଖିବାକୁ ଗଲେ ଲୋକେ ଟଙ୍କା ବଦଳରେ ଅନଲାଇନ ପେମେଣ୍ଟ କରିବାକୁ ପସନ୍ଦ କରିଥାଆନ୍ତି। ଅଧିକାଂଶ ଲୋକ କାର୍ଡ କିମ୍ବା ଟ୍ରାନଜାକସନ ଆପ ମାଧ୍ୟମରେ ପେମେଣ୍ଟ କରିଥାଆନ୍ତି। ଯାହାକୁ ଭାରତରେ ବିଶେଷ ଭାବେ ୟୁପିଆଇ ପେମେଣ୍ଟ କୁହାଯାଇଥାଏ। ଆପଣ ଆପଣଙ୍କ ଫୋନରେ ଏକ କୋଡ ସ୍କାନ କରିଥାଆନ୍ତି, ଆଉ ଆପ ମାଧ୍ୟମରେ ପେମେଣ୍ଟ କରିଥାଆନ୍ତି। କିନ୍ତୁ ନିକଟରେ ଏମିତି ଏକ ଘଟଣା ଘଟିଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ତାଇବାନର ଜଣେ ବ୍ୟକ୍ତି ଏମିତି ଏକ ଆଶ୍ଚର୍ଯ୍ୟଜନକ କାମ କରିଛନ୍ତି। ସେ ଅନଲାନ ପେମେଣ୍ଟ କରିବା ପାଇଁ ହାତରେ ଏକ ବାରକୋଡ ଟାଟୁ ଆଙ୍କିଛନ୍ତି। କାରଣ ପ୍ରତିଥର ସେ ଫୋନ ବାହାର କରିବାକୁ ଆଳସ୍ୟ କରିଥାଆନ୍ତି। ବାରମ୍ବାର ଫୋନ ବାହାର କରି ପେମେଣ୍ଟ କରିବା ତାଙ୍କୁ ପସନ୍ଦ ନଥିବାରୁ ସେ ଏପରି ହାତରେ ବାରକୋଡର ଟାଟୁ ଆଙ୍କିଛନ୍ତି। ଏବେ ଯେତେବେଳେ ତାଙ୍କୁ କେ ?ଣସି ବ୍ୟକ୍ତି ପେମେଣ୍ଟ କରିବାକୁ ଚାହାନ୍ତି, ସେ ତାଙ୍କ ହାତକୁ ଦେଖାଇ ଦିଅନ୍ତି। ଆଉ ଲୋକେ ତାଙ୍କୁ ଯେତିକି ଟଙ୍କା ଦେବା କଥା ସେତିକି ଦେଇ ପେମେଣ୍ଟ କରି ଦେଇଥାଆନ୍ତି।

# ଏବେ ସାଉଥ୍ ଉପରେ ଅଧିକ ଧ୍ୟାନ : ରକୁଲ

ରକୁଲ ପ୍ରୀତ ସିଂହଙ୍କ ହାତରେ ଏବେ ଏକାଧିକ ସାଉଥ୍ ପ୍ରୋଜେକ୍ଟ। ସାଉଥରେ ଏକାଧିକ ହିଟ୍ ଫିଲ୍ମରେ ନଜର ଆସିଥିବା ଏହି ସୁନ୍ଦରୀ ୨୦୧୪ ମସିହାରେ ବଲିଉଡ୍‌ରେ ଏଣ୍ଟ୍ରି କରିବା ପରଠୁ ହିନ୍ଦୀ ଇଣ୍ଡଷ୍ଟ୍ରିରେ ବାନ୍ଧିହୋଇ ରହିଛନ୍ତି। ଏଠି ମଧ୍ୟ ଏକାଧିକ ହିଟ୍ ଫିଲ୍ମ ଦେଇ ଦର୍ଶକଙ୍କ ମନ କିଣିବାରେ ସଫଳ ହୋଇଛନ୍ତି। 'ୟାରି', 'ଦେ ଦେ ପ୍ୟାର୍ ଦେ', 'ମରଜାୱାଁ' ଭଳି ସଫଳ ଫିଲ୍ମରେ କାମ କରିବାର ସୁଯୋଗ ତାଙ୍କୁ ମିଳିଛି। ନିକଟରେ ମୁକ୍ତିପ୍ରାପ୍ତ 'ଡକ୍ଟର୍ ଜି' ଫିଲ୍ମ ଜରିଆରେ ଖୁବ୍ ପ୍ରଶଂସା ସାଉଁଟୁଛନ୍ତି ରକୁଲ। ଏ ବର୍ଷ ରକୁଲ ପ୍ରାୟ ୫ଟି ବଲିଉଡ୍ ଫିଲ୍ମରେ ନଜର ଆସିଛନ୍ତି । କିନ୍ତୁ ସାଉଥ୍‌ରେ ତାଙ୍କର କୌଣସି ଫିଲ୍ମ ଏ ବର୍ଷ ରିଲିଜ୍ ହୋଇନାହିଁ। ତେବେ କିଛି ଫିଲ୍ମର ସୁଟିଂ ସେ କରିଛନ୍ତି ଏବଂ ସେଗୁଡ଼ିକର ମୁକ୍ତିଲାଭକୁ ଅପେକ୍ଷା କରିଛନ୍ତି । ଏବେ ଯାହା ଜଣାପଡୁଛି, ରକୁଲ ଅଧିକ ସାଉଥ୍ ଫିଲ୍ମ ସାଇନ୍ କରିବାକୁ ଚାହୁଁଛନ୍ତି। ଏ ବିଷୟରେ ସେ କହିଛନ୍ତି 'ମୁମ୍ବାଇ ଆସିବା ପରଠୁ ଅଧିକ ସାଉଥ୍ ପ୍ରୋଜେକ୍ଟ ମୁଁ ସାଇନ୍ କରିପାରି ନାହିଁ। ଏକାଧିକ ହିନ୍ଦୀ ଫିଲ୍ମରେ କାମ କରି ମୁଁ ବହୁତ ଥକିପଡ଼ିଛି। ଏବେ କେବଳ ମୋ ହାତରେ ତାମିଲ ଫିଲ୍ମ 'ଇଣ୍ଡିଆନ୍-୨' ଏବଂ ଏଲ୍ ବିଜୟଙ୍କ ନିର୍ଦ୍ଦେଶିତ ଆଉ ଏକ ଫିଲ୍ମ ରହିଛି, ଯାହାର ସୁଟିଂ ଶେଷ ହୋଇଛି। ଏଣିକି କିନ୍ତୁ ସାଉଥ୍ ଉପରେ ମୋର ବେଶି ଫୋକସ୍ ରହିବ।' ସାଉଥ୍‌ରେ ଭଲ ପ୍ରୋଜେକ୍ଟ ଆସିଲେ, ନିଶ୍ଚିତ ଭାବେ ସେ ସାଇନ୍ କରିବେ। ସମୟ ଅଭାବରୁ ସାଉଥ୍ ଫିଲ୍ମକୁ ସମୟ ଦେଇପାରିନଥିବା ରକୁଲ ଏବେ ତେଲୁଗୁ ଓ ତାମିଲରେ ନିଜ ଲୋକପ୍ରିୟତାକୁ ଖୁବ୍ ଝୁରୁଛନ୍ତି। ଖୁବ୍‌ଶୀଘ୍ର ଫିଲ୍ମ ଜରିଆରେ ଲୋକଙ୍କ ଭଲପାଇବା ପାଇବାକୁ ସେ ଆଶା ରଖିଛନ୍ତି।



# ଚିନ୍ତାରେ ରଣବୀର



ବଲିଉଡ୍‌ର ସବୁଠୁ ସୁନ୍ଦର ଯୋଡ଼ି ମଧ୍ୟରୁ ରଣବୀର କପୁର ଏବଂ ଆଲିଆ ଭଟ୍ଟ ଅନ୍ୟତମ। ନିକଟରେ ଦୁହେଁ ପିତାମାତା ହୋଇଛନ୍ତି। ଯାହା ଏକ ମାସ ହୋଇଗଲାଣି। ଗତ ନଭେମ୍ବର ୬ ରେ ଆଲିଆ ଭଟ୍ଟ ଏକ ଝିଅକୁ ଜନ୍ମ ଦେଇଥିଲେ। ଏହି ସମୟରେ ଉଭୟ ଦମ୍ପତ୍ତି ଅଧିକାଂଶ ସମୟ ଝିଅ ରାହା କପୁରଙ୍କ ସହ ଅତିବାହିତ କରୁଛନ୍ତି। ପିତା ହେବା ପରେ ରଣବୀର କପୁର ବହୁତ ଖୁସି ଅଛନ୍ତି। କିନ୍ତୁ ସେ ଗୋଟିଏ କଥା ବିଷୟରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ରେଡ ସି ିଲ୍ମ ଫେଷ୍ଟିଭାଲ୍‌ରେ ଏହା ପ୍ରକାଶ କରିଛନ୍ତି। ନିକଟରେ ରଣବୀର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପାର୍ଟିରେ ଯୋଗ ଦେଇଥିଲେ। ଏହି ସମୟରେ ସେ ଚଳଚ୍ଚିତ୍ର, ପିତାମାତା ଏବଂ ଅନ୍ୟାନ୍ୟ ବିଷୟ ବିଷୟରେ କହିଥିଲେ। ଯେତେବେଳେ ରଣବୀରଙ୍କୁ ପଚରାଯାଇଥିଲା ପିତା ହେବା ପରେ ତାଙ୍କ ଜୀବନରେ କ'ଣ ପରିବର୍ତ୍ତନ ହୋଇଛି ସେ କହିଥିଲେ, 'ମୁଁ ଭାବୁଛି ମୁଁ କାହିଁକି ଏତେ ସମୟ ନେଇଥିଲି ମୋର ସବୁଠୁ ବଡ ଅସୁରକ୍ଷିତତା ହେଉଛି ଯେତେବେଳେ ମୋ ଝିଅକୁ ୨୦ ବା ୨୧ ହେବ, ସେତେବେଳେ ମୋତେ ୬୦ ବର୍ଷ ହୋଇ ଯାଇଥିବ। କ'ଣ ମୁଁ ସେମାନଙ୍କ ସହିତ ୁଟବଲ ଖେଳିପାରିବି, ନା ମୁଁ ସେମାନଙ୍କ ସହିତ ଦୌଡ଼ିପାରିବି। ଏହା ମୋର ବହୁତ ବଡ ଇନ୍‌ସିକ୍ୟୁରିଟି। ରଣବୀର କହିଛନ୍ତି ନିଶ୍ଚିତ ଭାବରେ ଏକ ଭିନ୍ନ ପ୍ରକାରର ଅଭିଜ୍ଞତା, ଯାହା ସେ ଏପର୍ଯ୍ୟନ୍ତ ଅନୁଭବ କରିନାହାଁନ୍ତି। ଆଲିଆ ଭଟ୍ଟ ଏବଂ ରଣବୀର କପୁର ପ୍ରାୟ ୫ ବର୍ଷ ପରସ୍ପରକୁ ଡେଟ କରିବା ପରେ ଚଳିତ ବର୍ଷ ଏପ୍ରିଲ ୨୦୨୨ରେ ବିବାହ କରିଥିଲେ। ଏହି ଦମ୍ପତ୍ତି ସେମାନଙ୍କର ଘନିଷ୍ଠ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ବିବାହ କରିଥିଲେ। ସେମାନଙ୍କ ବିବାହର 'ଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ବିବାହର ୨ ମାସ ପରେ ଆଲିଆ ମା' ହେବାକୁ ଯାଉଛନ୍ତି ବୋଲି ସୋସିଆଲ ମିଡିଆରେ ଏକ ପୋଷ୍ଟ ଜଣାଇଥିଲେ।

# ୩୧ବର୍ଷ ହେବ ମାନସିକ ବିକୃତଙ୍କୁ ସାହାଯ୍ୟ କରୁଛନ୍ତି ସଞ୍ଜୟ

ସେବାରୁ ପ୍ରକୃତ ଆନନ୍ଦ ମିଳେ। ସେବା ଦ୍ୱାରା ଅନ୍ୟ ମାନଙ୍କୁ ଖୁସି କରିବାର କଳା ସମସ୍ତଙ୍କ ପାଖରେ ନଥାଏ। କିନ୍ତୁ ମଧ୍ୟପ୍ରଦେଶ ଛତରପୁରର ୫୫ବର୍ଷୀୟ ଓକିଲ ସଞ୍ଜୟ ଶର୍ମା ସେବାର ପ୍ରକୃତ ମୂଲ୍ୟ ବୁଝନ୍ତି। ଏଥିପାଇଁ ସେ ଦୀର୍ଘ ୩୧ବର୍ଷ ହେବ ମାନସିକ ବିକୃତ ଏବଂ ରାସ୍ତା କଡରେ ବୁଲୁଥିବା ଭିକାରୀଙ୍କର ସାହାଯ୍ୟ କରୁଛନ୍ତି। ସହରରେ ଯଦି କେହି ମାନସିକ ବିକୃତ ଲୋକ ଅସୁବିଧାରେ ପଡେ ଲୋକେ ଡାକ୍ତର କିମ୍ବା ପୋଲିସ୍‌ଙ୍କୁ ଜଣାଇବା ବଦଳରେ ସଞ୍ଜୟଙ୍କୁ ଫୋନ୍ କରନ୍ତି। ତେବେ ସଞ୍ଜୟଙ୍କର ଗରିବ, ଭିକାରୀ ଏବଂ ମାନସିକ ବିକୃତ ଲୋକଙ୍କୁ ଏମିତି ସାହାଯ୍ୟ କରିବା ପଛରେ ରହିଛନ୍ତି ତାଙ୍କ ଜେଜେ ମାଆ। ସଞ୍ଜୟଙ୍କୁ ପିଲାଦିନୁ ତାଙ୍କ ଜେଜେ ମାଆ ରାସ୍ତା କଡରେ ବୁଲୁଥିବା ମାନସିକ ବିକୃତ ଲୋକଙ୍କୁ ସାହାଯ୍ୟର ଆବଶ୍ୟକ ବୋଲି କହୁଥିଲେ। ସେ କହୁଥିଲେ, ମାନସିକ ବିକୃତ ଏବଂ ଭିକାରୀ ମାନଙ୍କର ପରିସ୍ଥିତି ବୁଝିବା ଆମ କର୍ତ୍ତବ୍ୟ। ସମାଜ ସେମାନଙ୍କୁ ଘୃଣା ଆଖିରେ ଦେଖେ କିନ୍ତୁ ସେ ଟିକେ ଅଧିକ ଭଲ ପାଇବା ଏବଂ ସ୍ନେହ ପାଇବାର ହକ୍‌ଦାର। ତେଣୁ ଯେତେବେଳେ ସୁଯୋଗ ମିଳିବ ସେମାନଙ୍କୁ ସାହାଯ୍ୟ କରିବୁ। ସଞ୍ଜୟ ଏପର୍ଯ୍ୟନ୍ତ ୬୦୦ରୁ ଅଧିକ ଗରିବ ଲୋକଙ୍କର ସାହାଯ୍ୟ କରିସାରିଲେଣି। କାହାକୁ ଖାଦ୍ୟ ତ କାହାକୁ ବାସ ଗୃହ ଯୋଗାଇ ସାରିଲେଣି ସଞ୍ଜୟ।



# ମହୁମାଛି ଧରାଳି



ମହୁମାଛି ଯାହାକୁ କାମୁଡିଛି ସେ ଜାଣିଛି ତାର ଯନ୍ତ୍ରଣା କିଭଳି। ସେଥିପାଇଁ ତ ମହୁଫେଣା ଭାଙ୍ଗିବାବେଳେ ଲୋକେ ସ୍ୱତନ୍ତ୍ର ସୁଟ୍ ପିନ୍ଧିବା ସହ ହାତରେ ଗ୍ଲୋଭ୍‌ସ ବି ଲଗାନ୍ତି। କିନ୍ତୁ ଆମେରିକା, ଟେକ୍ସାସ୍‌ରେ ରହୁଥିବା ଏରିକା ଥମ୍ପସନ୍ ନାମ୍ନୀ ମହିଳା ବିନା କୌଣସି ସୁରକ୍ଷା ପଦ୍ଧତି ଆପଣେଇ ଖାଲି ହାତରେ ମହୁଫେଣା ଭାଙ୍ଗନ୍ତି। ଆଉ ଆଶ୍ଚର୍ଯ୍ୟର କଥା ମହୁମାଛି ତାଙ୍କୁ କାମୁଡ଼ନ୍ତି ନାହିଁ। ଏରିକା ମହୁମାଛି ପାଳନ କରନ୍ତି। ହଜାର ହଜାର ମହୁମାଛି ଥିବା ମହୁଫେଣାକୁ ବିନା କୌଣସି ସୁରକ୍ଷା ପଦ୍ଧତି ଆପଣେଇ ବାହାର କରୁଥିବାର ଅନେକ ଫଟୋ ଓ ଭିଡିଓ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ କରନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯାଆନ୍ତି। ଲାଗେ ସତେ ଯେମିତି ମହୁମାଛିମାନେ ତାଙ୍କର ପୋଷା ମନିଯାଇଛନ୍ତି।

# ଜୋନାଥନକୁ ପୂରିଲା ୧୯୦ ବର୍ଷ

ବିଶାଳ କଇଁଛ ଜୋନାଥନ ଦ ସେଶଲ୍ସକୁ ପୂରିଲା ୧୯୦ ବର୍ଷ। ନେପୋଲିୟନଙ୍କ ମୃତ୍ୟୁର କିଛି ଘଣ୍ଟା ପରେ ଜନ୍ମ ହୋଇଥିବା କଇଁଛ ଜୋନାଥନ୍ ଆଜିର ଦୁନିଆର ସବୁଠୁ ବୟସ୍କ ଜୀବିତ ପ୍ରାଣୀ। ଫ୍ରାନ୍ସିସି ସମ୍ରାଟ ନେପୋଲିୟନ ବୋନାପାର୍ଟଙ୍କ ପରାଜୟ ପରେ ଦକ୍ଷିଣ ଆଟଲାଣ୍ଟିକକୁ ଲାଗି ରହିଥିବା ହେଲେନାରେ ନିର୍ବାସିତ ଜୀବନ କାଟୁଥିଲେ। ଏହି ସମୟରେ ୧୮୨୧ରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହାର କିଛି ବର୍ଷ ପରେ ଜନ୍ମ ହୋଇଥିବା ଏକ ବିଶାଳ କଇଁଛ ଜୋନାଥନ ଏବେ ସେହି ଅଞ୍ଚଳରେ ହିଁ ୧୯୦ ତମ ଜନ୍ମ ଦିନ ପାଳନ କରୁଛି। କଇଁଛର ମୋଟା ଏବଂ ମଜଭୁତ ଚମଡାରୁ ଅନୁମାନ କରାଯାଉଛି ଯେ, ୧୮୩୨ ମସିହାରେ ସେ ଅଣ୍ଡାରୁ ବାହାରି ଥାଇପାରେ। ସେଶେଲ୍ସରୁ କଇଁଛଟିକୁ ଜନ୍ମର ପ୍ରାୟ ୫୦ ବର୍ଷ ପରେ ବ୍ରିଟେନର ବିହାର ଅଞ୍ଚଳକୁ ନିଆଯାଇଥିଲା। ଏବେ କଇଁଛଟିକୁ ପ୍ଲାଣ୍ଟେସନ ହାଉସରେ ରଖାଯାଉଛି। ପ୍ଲାଣ୍ଟେସନ ହାଉସ ସେଣ୍ଟ ହେଲେନାର ଗଭର୍ଣ୍ଣର ହାଉସ। କଇଁଛ ନାଁରେ ଏକ ବିଶେଷ ଡାକ ଟିକେଟ୍ ମଧ୍ୟ ଜାରି କରାଯାଇଥିଲା।



## ବନବାସୀଙ୍କୁ ବଣ ଜଙ୍ଗଲ ଦେଇଛି ରୋଜଗାରର ପନ୍ଥା



ନବରଙ୍ଗପୁର, ୫/୩ (ନି.ପ୍ର): ଜିଲ୍ଲାର ବନବାସୀଙ୍କୁ ପ୍ରକୃତି ଦେଇଛି ବଞ୍ଚିବାର ବହୁ ସାଧନା, ଜଙ୍ଗଲଜାତ ଦ୍ରବ୍ୟ ସାଙ୍ଗକୁ ଫଳମୂଳ ଆଦି ସଂଗ୍ରହ କରି ନିଜେ ଖାଇଥାନ୍ତି ଏବଂ ବଳକା ହାଟ ବଜାରରେ ବିକ୍ରି କରି ତେଲ ଲୁଣ କିଣି ପରିବାର ଗୁଜୁରାଣ ଚଳାଇଥାନ୍ତି । ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାରର ଫଳମୂଳ ଜଙ୍ଗଲରୁ ମିଳିଥାଏ। ଖରା ଦିନରେ କେନ୍ଦୁ ପାଚିଥାଏ । କେନ୍ଦୁର ସ୍ୱାଦ ନିଆରା ହୋଇଥିବା ବେଳେ ବିଶେଷ କରି ବାଡି ବଗିଚା ତଥା ବଣ ଜଙ୍ଗଲରେ କେନ୍ଦୁ ଗଛ ହୋଇଥାଏ। ଏହାକୁ ପିଲା ଠାରୁ ବୁଢା ସମସ୍ତେ ଖାଇବାକୁ ପସନ୍ଦ କରିଥାନ୍ତି । ପ୍ରାକୃତିକ ପରିବେଶରେ ଏହି ଗଛ ଉଠିଥାଏ ଏବଂ ଫଳ ଫଳିଥାଏ। ଏଣୁ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ଏହାର ଚାହିଦା ଜିଲ୍ଲା ତଥା ଜିଲ୍ଲା ବାହାରେ ଅଧିକ ରହିଛି । ଡାବୁଗାଁ ବଜାରରେ ଏହାର ଭାଗ ୨୦ ଟଙ୍କା ରେ ବିକ୍ରି ହୋଇଥାଏ। ପ୍ରାୟ ପ୍ରତ୍ୟେକ ପରିବାରରେ ଏହି ସମୟରେ କେନ୍ଦୁ ଖାଇବାକୁ ଭଲ ପାଇଥାଆନ୍ତି। ବିଶେଷ କରି ଅଭିବକ୍ତ କୋରାପୁଟ ଜିଲ୍ଲା ଓ ନବରଙ୍ଗପୁର , ଜିଲ୍ଲା ର ବିଭିନ୍ନ ବ୍ଲକ ଅଞ୍ଚଳର ବଣପାହାଡ଼ରେ କେନ୍ଦୁ ଗଛ ଅଧିକ ରହିଛି। ବ୍ୟାପକ ଜଙ୍ଗଲ କ୍ଷୟ ଓ ଜଳବାୟୁରେ ପରିବର୍ତ୍ତନ ଯୋଗୁଁ କେନ୍ଦୁ ଗଛ ନଷ୍ଟ ହେଉଥିବା ବେଳେ ଏହାର ସୁରକ୍ଷା ପାଇଁ ସାଧାରଣ ରେ ଦାବି ହେଉଛି । କେନ୍ଦୁ ଗଛ ପତ୍ରରୁ ବିଡି ପ୍ରସ୍ତୁତ ହୋଇଥାଏ। ହଜାର ହଜାର ଲୋକ କେନ୍ଦୁପତ୍ର ତୋଳି ସରକାରଙ୍କୁ ବିକ୍ରି କରି ଦୁଇ ପଇସା ରୋଜଗାର କରିଥାନ୍ତି। ବିନା ବ୍ୟୟରେ ସରକାର ବହୁ ରାଜସ୍ୱ ପାଇଥାନ୍ତି। ଭାଲୁ, ବାରହା ଆଦି ବନ୍ୟଜନ୍ତୁଙ୍କ ପ୍ରିୟ ଖାଦ୍ୟ କେନ୍ଦୁ ଏଣୁ କେନ୍ଦୁ ଖାଇବା ପାଇଁ ଆସିବା ସମୟରେ ଅନେକ ସମୟରେ କେନ୍ଦୁ ତୋଳାଳୀଙ୍କ ସହିତ ମୁହାଁମୁହିଁ ହୋଇଥାନ୍ତି। ଫଳରେ ବହୁ ଲୋକ ସେମାନଙ୍କ ଆକ୍ରମଣର ଶିକାର ହୋଇ କ୍ଷତବିକ୍ଷତ ହୋଇଥାନ୍ତି । ଏଥିପାଇଁ ସତର୍କତା ଅବଲମ୍ୱନ କରିବାକୁ ବନ ବିଭାଗ ଅନେକ ସମୟରେ ଲୋକଙ୍କୁ ସଚେତନ କରିଥାନ୍ତି।

## ଧୁମଧାମରେ ପାଳିତ ହେଲା ଚିକିଲି ମଣ୍ଡେଇ

ନବରଙ୍ଗପୁର ୫/୩ (ନି.ପ୍ର): ଧୂମଧାମରେ ପାଳିତ ହୋଇ ଯାଇଛି ଚିକିଲି ମଣ୍ଡେଇ। ମାଁ କାଳୀ, କଙ୍କାଳୁନୀ, ଭଙ୍ଗା ରାମ, ଚାଉଁରିଆ ଏବଂ ଅନ୍ୟାନ୍ୟ ଗ୍ରାମ ଦେବାଦେବୀ ଲାଠି, କୁର୍ସୀ ସମେତ ପାରମ୍ପରିକ ବାଦ୍ୟ ର ଘନ ଗର୍ଜନ ଶବ୍ଦ ସହ ମଣ୍ଡେଇ ଯାତ୍ରା ପରିକ୍ରମା କରିଥିଲେ।ଏହି ଅବସରରେ ଗାଁ ର ମୁଖ୍ୟ ପୂଜକ ତୁଳା ରାମ ପୂଜାରୀ, ସଦାସିବ ପୂଜାରୀ,ଭଦର ମାଝୀ,ଲଚୁ ମାଝୀ ତଥା ମଣ୍ଡେଇ କମିଟି ର ସଦସ୍ୟ ମାନେ ସମସ୍ତ ଆୟୋଜନ ର ତଦାରଖ କରିଥିଲେ। ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ବରିଷ୍ଠ ଆଇନଜୀବୀ ଜୟନ୍ତ କୁମାର ପାତ୍ର, ଏମ୍ ବୁଲୁ ରାଓ, ସୁରେନ୍ଦ୍ର ମିଶ୍ର, ବ୍ଲକ ଅଧକ୍ଷା ବୀଣା ମାଝୀ, ଏମ୍ ଆପା ରାଓ, ସାଂବଦିକ ସଂଘ ସଂପାଦକ ମିହିର ଶଙ୍କର ପାତ୍ର, ଉପ ସଭାପତି ଗଗନ ଗନ୍ତାୟତ ପ୍ରମୁଖ ଉପସ୍ଥିତ ରହି କମିଟି ର ମାନ ବୃଦ୍ଧି କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମଙ୍ଗରାଜ ମାଝୀ, ରାମଚନ୍ଦ୍ର ମାଝୀ, ଲକ୍ଷ୍ମୀ ପୂଜାରୀ, ବଳରାମ ପୂଜାରୀ, ପଦମୁ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ମନଜିତ ବାରିକ ଙ୍କୁ ନିଜ ଜନ୍ମ ମାଟି ରେ ବିପୁଳ ସମ୍ବର୍ଦ୍ଧନା

ବରଗଡ଼ ୫/୩ (ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମରେ ଆଜି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଶ୍ରୀଯୁକ୍ତ ବାରିକ ୨୧ବର୍ଷ ବୟସରେ ଟୋପ ଖାନା ରେ ହାବିଲଦାର ଭାବେ ୨୦୦୨ ଜୁନ ୨୧ ହାଇଦ୍ରାବାଦ କେନ୍ଦ୍ରର ଆର୍ଟି ଲାରି ପ୍ରଥମେ ତାଲିମ ଗ୍ରହଣ କରି ଜମ୍ମୁ କାଶ୍ମୀର ଲାଇନ୍ ଅଫ୍ କଣ୍ଟ୍ରୋଲ ଠାରେ ୨୦୦୩ ରୁ ୨୦୦୪ କାର୍ଯ୍ୟ ଆରମ୍ଭ କରିଥିଲେ।ଏହାପରେ ମଥୁରା,ରାଷ୍ଟ୍ରୀୟ ରାଏଫଲ,କାରଗିଲ, ଆମ୍ବାଲା, ଆସାମ,ଚାଇନା ବୋର୍ଡର,ଇନ୍ ସ୍କକର୍ ହାଇଦ୍ରାବାଦ, ଝାନ୍ସି, ମିଶନ, ଇସ୍ରାଇଲ,ଶ୍ରୀୟା,ପାଲେ ଷ୍ଟାଇନ, ଲେଭନନ୍, ଅରୁଣା ଚଳ ପ୍ରଦେଶ ବ୍ୟତୀତ ନାସିକ ଠାରେ ୨୮ଫେବୃୟାରୀ ୨୦୨୫ ରେ ଅବସର ଗ୍ରହଣ କରିଥିଲେ।ସମୁଦାୟ ଦୀର୍ଘ ୨୩ବର୍ଷ କାଳ କାର୍ଯ୍ୟ ସାରିବା ପରେ ନିଜ ଜନ୍ମ ମାଟି କୁ ପହଞ୍ଚିବା ମାତ୍ରେ ଗ୍ରାମବାସୀ ତାଙ୍କୁ ଲାଦେର ପାଲି ରାମଚଣ୍ଡୀ ମନ୍ଦିର ରେ ଆଶୀର୍ବାଦ ପୂର୍ବକ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ରେ ବାହାରି ଗ୍ରାମ ଅଭିମୁଖେ ପହଞ୍ଚି ଗ୍ରାମରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ବିନା ସୂଚନା ଫଳକରେ ବାବେବିରା କେନାଲ

## ଆନ୍ଧ୍ର ପଡ଼ା ରୁ ଲାଦେର ପାଲି ଆରଡି ରାସ୍ତା କୁ ସଂଯୋଗ କରୁଥିବା ଫେଭର୍ ବ୍ଲକ୍ ରାସ୍ତା କାମ

ବରଗଡ଼ ୫/୩ (ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ଏନ୍ଏସି ଦୀର୍ଘ ୧୩ବର୍ଷ ହେବ ୧୨ଟି ୱାର୍ଡ କୁ ନେଇ ଗଠିତ ହୋଇ ସହରାଞ୍ଚଳ ବାସୀ ଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ସରକାର କେତେ ନାହିଁ କେତେ ଯୋଜନା ରେ ରାସ୍ତା ଘାଟ ଠାରୁ ଆରମ୍ଭ କରି ବିଶୁଦ୍ଧ ପାନୀୟ ଜଳ,ପାଇଖାନା,ଡ୍ରେନ,ଆଲୁଅ, ଫେବର ବ୍ଲକ୍ ରାସ୍ତା,ସଫେଇ ସହ ସରକାରୀ କୋଠଘର ଭଳି ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟ ହୋଇଛି ସତ,ହେଲେ କିଛି ସରକାରୀଆ ବାବୁ ମାନଙ୍କ ସ୍ୱାର୍ଥ ଲାଳସା ଓ ଠିକାଦାର ପୋଷା ନୀତି ଯୋଗୁଁ ଚାରିଆଡ଼େ ଦୁର୍ନୀତି ର ଗନ୍ଧ ବାରି ହୋଇ କେଉଁଠି ରାସ୍ତା ତିଆରି ସମୟରେ ଦବି ଭାଙ୍ଗି ଯିବା,ଡ୍ରେନ ଭୁଶୁଡ଼ିବା,ମୁକ୍ତା ନାଁ ରେ ନିମ୍ନ ମାନର ଓ ବେନିୟମ କାର୍ଯ୍ୟ ପଦାକୁ ଆସି ଏନ୍ଏସି ବିଭିନ୍ନ ଗଣ ମାଧ୍ୟମ ଖବର କାଗଜ ରେ ଅନେକ ଥର ସମାଲୋଚିତ ହୋଇ ଆଜି ସେଇ କାର୍ଯ୍ୟ ଗୁଡ଼ିକ ର ସ୍ଥିତି ଯାହା ଉଣା ଅଧିକେ ସମସ୍ତଙ୍କୁ ବେଶ୍ ଜଣା।ଅଞ୍ଚଳ ଟି କୃଷି ବହୁଳ ଅଞ୍ଚଳ ଭାବେ ବେଶ୍ ପରିଚିତ ଏଠାକାର ଲୋକେ ପ୍ରାୟତଃ କୁଲି ମଜୁରୀ ଓ ଚାଷ ଉପରେ ନିର୍ଭରଶୀଳ।ଏହି ଅଞ୍ଚଳରେ ଲୋକଙ୍କ ସରଳତାର ଫାଇଦା ଉଠାଇ ସରକାରଙ୍କ ନୀୟମରୁ ଊର୍ଦ୍ଧ୍ୱରେ ଥିବା କିଛି ଅସାଧୁ ସରକାରୀଆ ବାବୁ ମାନେ ବିନା ସୂଚନା ଫଳକରେ ଅନବିଜ୍ଞ ପେଟି ଠିକା ଦାର ଭରସାରେ ନିମ୍ନ ମାନର କାର୍ଯ୍ୟ କୁ ପ୍ରଶ୍ରୟ ଦିଆଯାଉଥିବା ଦୃଶ୍ୟ ସାମ୍ନା କୁ ଆସିଛି।ଯାହାର କିଞ୍ଚିତ ଉଦାହରଣ ସ୍ୱରୂପ ଅତାବିରା ଏନଏସି ଅନ୍ତର୍ଗତ ୱାର୍ଡ ନଂ ୮ ବାବେବିରା କେନାଲ ଆନ୍ଧ୍ର ପଡା ରୁ ୱାର୍ଡ ନଂ -୯ ଲାଦେର ପାଲି ଆରଡି ରାସ୍ତା କୁ ସଂଯୋଗ କରୁଥିବା ୮୬ଲକ୍ଷ ୪୫ ହଜାର ୩୦୦ ବ୍ୟୟ



ଅଟକଳ ମୂଲ୍ୟ ର ବିଲ ବାଡ଼ି ମଝିରେ ଫେବର୍ ବ୍ଲକ୍ ରାସ୍ତା ତିଆରି କରି ସରକାର କା ମାଲ ଦରିଆ ମେ ଡାଲ ଭଳି ନୀତି ଆପଣେଇ ଲୋକ ଙ୍କୁ ଅନ୍ଧାରରେ ରଖି ଡଷ୍ଟ,ବାଲି, ମେଟାଲ୍ ଠିକ୍ ଭାବରେ ଅର୍ଥାତ୍ ଡଷ୍ଟ ୪ଇଞ୍ଚ, ମେଟାଲ୍ ୪ଇଞ୍ଚ ଓ ବାଲି ୨ଇଞ୍ଚ ସମୁଦାୟ ୧୦ଇଞ୍ଚ ପରେ ଫେବର ବ୍ଲକ୍ ଦେବା କୁ ଥିବାବେଳେ ସମୁଦାୟ ୬/୭ଇଞ୍ଚ କରି ଫେବର ରାସ୍ତା କାର୍ଯ୍ୟ କାହା ସ୍ୱାର୍ଥରେ ବୋଲି ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଯାହା ଆବଶ୍ୟକ ତଳେ ରାସ୍ତା ତିଆରି ନକରି ବର୍ଷେ ଦେଢ଼ ବର୍ଷ ପୂର୍ବରୁ ତିଆରି ହୋଇଥିବା କୋଟି କୋଟି ଟଙ୍କା ର ରାସ୍ତା ଅବସ୍ଥା କହିଲେ ନସରେ।ଯାହା ପିସି କାରବାର ଯୋଗୁଁ ଦୁର୍ନୀତି ଗନ୍ଧ ଫାଟି ପଡୁଥିବା ବେଳେ ଏବେ ପୁଣି ୨୪ବର୍ଷର ଶାସନ କୁ ହଟେଇ ନୂଆଁ ଡବଲ ଇଞ୍ଜିନ ବିଜେପି ସରକାର।ହେଲେ କାର୍ଯ୍ୟ ର ଅବସ୍ଥା ଯଥା ପୂର୍ବମ୍ ତଥା ପରମ୍ ଅବସ୍ଥା।ତେବେ ଏଠି ପ୍ରଶ୍ନ ଉଠୁଛି ଯେ ସେତେବେଳେ ପି ସି କାରବାର ଥିଲା ଦୁର୍ନୀତି ବସା ବାନ୍ଧିଥିଲା।ଏବେ ନୂଆଁ ସରକାର ରେ ପୁଣି କିଏ ପି ସି ଖାଉଛି, ଦୁର୍ନୀତି କୁ କିଏ ପ୍ରଶ୍ରୟ ଦେଉଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ତୁରନ୍ତ ଏ ଦିଗରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ କାର୍ଯ୍ୟ ଗୁଡ଼ିକୁ ଭିଜିଲାନ୍ସ ତଦନ୍ତ କରାଗଲେ କାହାର କେତେ ଭାଗ ବଣ୍ଟା ସାମ୍ନାକୁ ଆସିବ ବୋଲି ଲୋକେ ଅପେକ୍ଷା କରି ଛନ୍ତି।ତେବେ ଦେଖାଯାଉ ପ୍ରଶାସନର କେଉଁ ପଦକ୍ଷେପ ରହୁଛି ନାଁ ଦୁର୍ନୀତି ଖୋର୍ ବାବୁ ମାନଙ୍କୁ ଘଣ୍ଟ ଘୋଡାଉଛି।

# ଆଶା ଓ କଲ୍ୟାଣ ସମିତି ସମ୍ମିଳନୀ-୨୦୨୫

ବରଗଡ଼ ୫/୩ (ନି.ପ୍ର): ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲ ଠାରେ ଜିଲ୍ଲା ସାମୁ। ସମିତି, ବରଗଡ଼ ଆନୁକୁଲ୍ୟରେ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ'। ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଆଶାକର୍ମୀ ମାନଙ୍କର ଗ୍ରାମାଂଚଳରେ ନିରବଚ୍ଛିନ୍ନ ଭାବେ ପ୍ରଜନନ, ମାତୃ, ନବଜାତ, ଶିଶୁ ଓ କିଶୋର ସାମୁ, ସଂକ୍ରାମକ/ ଅଣ-ସଂକ୍ରାମକ ରୋଗ, ଜାତୀୟ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ତଥା ପ୍ରାଥମିକ ସାମୁ'। ସେବା ନିରନ୍ତର ଯୋଗାଇଦେବା ନିମନ୍ତେ ପ୍ରଶଂସ। କରିଥିଲେ । ଜାତୀୟ ସାମୁ। ମିଶନ୍ ତରଫରୁ ପ୍ରଣୟନ କରାଯାଇଥିବା ମାପଦଣ୍ଡ ଅନୁଯାୟୀ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ୧୨ ଗୋଟି ଗାଁ କଲ୍ୟାଣ ସମିତି, ୫ ଜଣ ଆଶାକର୍ମୀ, ସାମୁ'। ଉପକେନ୍ଦ୍ର ସ୍ତରରେ ୧୦ଟି ଜନଆରୋଗ୍ୟ। ସମିତି, ସହରାଂଚଳ ସ୍ତରରେ ୩୦ ଗୋଟି ମହିଳା ଆରୋଗ । ସମିତିଙ୍କୁ ସାମ୍ନା ସେବା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ଗିରିଜା ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।ପ୍ରବନ୍ଧକ ଗିରିଜା ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡା. ନିରୂପମ। ଷଡ଼ଙ୍ଗୀ, ପରିବାର କଲ୍ୟାଣ ଅଧିକାରୀ ଡା. ସୁବାସ ଚନ୍ଦ୍ର ଅଗ୍ରୱାଲା, ଜିଲ୍ଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ବିନୟ କୁମାର ବେହେରା, ପ୍ରଶାସନିକ ଅଧିକାରୀ ଆରତୀ ଭୋଇ, ଜିଲ୍ଲା ବିତ ପରିଚାଳକ ରାଜକୁମାର ଗୁପ୍ତ ପ୍ରମୁଖ ନିଜ ନିଜ ଅଭିଭାଷଣର ପ୍ରଦାନ କରି ସାସ୍ଥ୍ୟକର୍ମୀଙ୍କୁ ପ୍ରୋତ୍ସାହିତ କରିଥିଲେ । ଦୀପାଂଜଳି ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସୌଭାଗ। ରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ଆଶାକର୍ମୀ ଓ ଶିଶୁ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା । ସମ୍ମିଳନୀରେ ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକର ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଗାଁ କଲ୍ୟାଣ ସମିତିର ସଦସ୍ୟ, ସାମ୍ୟ ବିଭାଗର କର୍ମକର୍ତାମାନେ ଯୋଗ ଦେଇଥିଲେ।

## ବିନା ସେଫ୍ଟି ରେ ଲାଇଟ୍ କାର୍ଯ୍ୟ କରୁଛି ଅତାବିରା ଏନ୍ ଏ ସି



ବରଗଡ଼ ୫/୩ (ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ଏନ୍ଏସି ୧୨ଟି ୱାର୍ଡ କୁ ନେଇ ଗଠିତ ହୋଇଥିବା ବେଳେ ଆଲୋକି କରଣ ପାଇଁ ଇଇଏସଏଲ୍ ଯୋଜନା ରେ ବିଦ୍ୟୁତ୍ ଖୁଣ୍ଟ ମାନଙ୍କରେ କେବୁଲ ଟାଣି ଏଲ୍ ଇ ଡି ଲାଇଟ୍ ଖଞ୍ଜି ଦିଆଯାଇଥିବା ବେଳେ ଗ୍ରିନଫିଲ୍ଡ ଯୋଜନା ରେ ପାଖା ପାଖି ୧୨ଶହ ରୁ ଉର୍ଦ୍ଧ୍ୱ ଖୁଣ୍ଟ ପୋତି କେବୁଲ୍ ଟାଣି ଲାଇଟ୍ ଲାଗି ଯେଭଳି ଭାବେ ଲୋକେ ଅନ୍ଧାରରେ ଆଲୁଅ ପାଇବେ ସେ ସବୁ ବ୍ୟବସ୍ଥା ସହ ତାର ରକ୍ଷଣାବେକ୍ଷଣ ସକାଶେ କର୍ମଚାରି ନିଯୁକ୍ତ ମଧ୍ୟ ହୋଇଛନ୍ତି।ହେଲେ ଦୁର୍ନୀତି ର ଗନ୍ତାଘର ସାଜିଥିବା ଏନ୍ଏସି ର ଅବହେଳା ତଥା ଆନ୍ତରିକତା ଅଭାବରୁ କେଉଁଠି ଲାଇଟ୍ ଜଳୁଛି ତ ଆଉ କେଉଁଠି ଲାଇଟ୍ ର ଲୁଚକାଳି ଖେଳ ସହ କେଉଁଠି ଆଲୁଅ ଦେବା ପରିବର୍ତ୍ତେ ନିଜେ ଘନ ଅନ୍ଧାରରେ ଆଲୁଅ ଖୋଜି ସବୁବେଳେ ଲାଇଟ୍ ଖୁଣ୍ଟ ଦୁର୍ଘଟଣା କୁ ଅନାଇ ରହିଛି।କେବଳ ସେତିକି ନୁହେଁ ଦାୟିତ୍ୱରେ ଥିବା ଏନ୍ଏସି ର କର୍ମଚାରୀ ବିନା ସେଫ୍ଟି ବେଲ୍ଟ ଓ ଗ୍ଲୋପ ରେ ଆରଏମସି ପରିସରରେ କାର୍ଯ୍ୟ କରି ବିପଦକୁ ଆମନ୍ତ୍ରଣ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।ଏନେଇ ଏନ୍ ଏସି ଲାଇଟ୍ ଦାୟିତ୍ୱରେ ଥିବା ଦିଲିପ ପ୍ରଧାନ କୁ ପଚାରିବାରୁ ଉତ୍ତର ସ୍ୱରୂପ ସେଇଟା ଝାରସୁଗୁଡ଼ା ର ଆକାଶ ଇଞ୍ଜିନି ୟରିଂ ନାମକ ଏକ ସଂସ୍ଥା ବୁଝୁଛି।ଯାହା ହେବ ସବୁ ସେମାନେ ବୁଝିବେ ଓ ତାଙ୍କ ଦାୟିତ୍ୱ ବୋଲି କହି ନିଜ ଦୋଷ ଝାଡି ଦେଇଥିଲେ।ତେବେ ଏଠି ପ୍ରଶ୍ନ ଉଠୁଛି ଯେ କିଭଳି ଭାବରେ ଓ କାହା ସ୍ୱାର୍ଥରେ ବେନିୟମ ତଥା ବିପଦସଙ୍କୁଳ କାର୍ଯ୍ୟ କୁ ପ୍ରଶ୍ରୟ ଦିଆଯାଉଛି।ତୁରନ୍ତ ଏଦିଗରେ ଜିଲ୍ଲାପ୍ରଶାସନ ଦୃଷ୍ଟିଦେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣ ରେ ଦାବୀ ହେଉଛି।

## ବାରଖମାରେ ରାଜ୍ୟସ୍ତରୀୟ ରାତ୍ର କାଳୀନ ଭଲିବଲ୍ ପ୍ରତିଯୋଗିତା ଉଦଘାଟିତ

ବାଲିଗୁଡା ୫/୩ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ବାରଖମା ହାଇସ୍କୁଲ ଖେଳପଡିଆ ଠାରେ ରାଜ୍ୟ ସ୍ତରୀୟ ରାତ୍ର କାଳୀନ ଭଲିବଲ୍ ପ୍ରତିଯୋଗିତା ମଙ୍ଗଳବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଛି। ପ୍ରତିଯୋଗିତାର ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ କଂଗ୍ରେସର ବରିଷ୍ଠ ସଦସ୍ୟ ଡ଼ଃ.ବିଚିତ୍ରା ନନ୍ଦ ଆଚାର୍ଯ୍ୟ ଯୋଗଦାନ କରି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଙ୍କ ସହ ବାଲିଗୁଡାର ବିଶିଷ୍ଟ କଂଗ୍ରେସ କର୍ମୀ ମାନେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ। ଏହି ଟୁର୍ଣାମେଣ୍ଟରେ ଗଞ୍ଜାମ , ଗଜପତି ,କନ୍ଧମାଳ ଜିଲ୍ଲାର ୮ଟି ଟିମ୍ ସହ ବହୁ ପ୍ରତିଷ୍ଠିତ ଖେଳାଳି ମାନେ ଆସି ଏହି ପ୍ରିତିଯୋଗିତାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି କ୍ଷ ଉଦଘାଟନୀ ମ୍ୟାଚରେ ରେଡି ସିକ୍ସ ସହ ଏଲକେଡ଼ି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା।ଏଥିରେ ରେଡି ସିକ୍ସ ଦଳ ବିଜୟୀ ଲାଭ କରିଥିଲା। ଉଦଯାପନୀ ଉତ୍ସବ ମାର୍ଚ୍ଚ ୯ ତାରିଖ ସନ୍ଧ୍ୟା ୫ ଘଣ୍ଟା ସମୟରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ରେଫରି ଭାବେ ମନୋରଞ୍ଜନ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ ବାରଖମା ହାଇସ୍କୁଲ ଯୁବକ ସଂଘ ର ସମସ୍ତ ସଦସ୍ୟ ଙ୍କ ସମେତ ଟୁର୍ଣ୍ଣାମେଣ୍ଟର ସଭାପତି ହେବଲ ଦିଗାଲ, ଉପ ସଭାପତି ମାମୁନା ଦିଗାଲ,କୋଷାଧକ୍ଷ ସୁନିଲ ଦିଗାଲ ସମ୍ପାଦକ ମୋହିତ ଦିଗାଲ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ପିପିଲିଆ ଡିଗ୍ରୀ ମହାବିଦ୍ୟାଳୟ ରେ ଛାତ୍ରୀ ମାନଙ୍କ ଆତ୍ମ ରକ୍ଷା ଶିବିର

ପାଟଣା ୫/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଲିଆ ସ୍ଥିତ ଲକ୍ଷ୍ମୀନାରାୟଣ ଡିଗ୍ରୀ ମହାବିଦ୍ୟାଳୟ ରେ ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନେଇ ଆତ୍ମ ରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବରେ +୩ ଅଧ୍ୟକ୍ଷ ଦୈତାରୀ ମହାନ୍ତ ,ସମ୍ମାନିତ ଅତିଥି ଭାବରେ ଓଡ଼ିଆ ବିଭାଗ ର ଅଧ୍ୟାପକ ମନୋରଞ୍ଜନ ପଲେଇ ,ଶିକ୍ଷା ବିଭାଗ ଅଧ୍ୟାପକ ବିଷ୍ଣୁ ଚରଣ ସାମଲ ଇତିହାସ ବିଭାଗ ଅଧ୍ୟାପକ ତପନ କୁମାର ମହାନ୍ତ ଓ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ପ୍ରିୟଙ୍କା ଦାସ ,ରାଜନୀତି ଅଧ୍ୟାପିକା ନିବେଦିତା ଶୁକ୍ଲା ପ୍ରମୁଖ ଯୋଗଦେଇ ପୁରୁଷ ପ୍ରଧାନ ସମାଜରେ ମହିଳା ମାନେ କିପରି ନିଜକୁ ସୁରକ୍ଷିତ ରଖି ପାରିବେ ସେଥି ନେଇ ଛାତ୍ରୀ ମାନଙ୍କୁ ଉପାଦେୟ ବାର୍ତ୍ତା ପ୍ରଦାନ କରିବା ସହ ଛାତ୍ରୀ ମାନେ ଆତ୍ମ ରକ୍ଷା ଲାଗି ନିଜର ମନ ବଳ କୁ ଦୃଢ଼ କରିବାକୁ ପଡ଼ିବ ବୋଲି କହିଥିଲେ ।ନୋଡାଲ ଅଧିକାରୀ ଅଧ୍ୟାପିକା ରଶ୍ମିତା ସାହୁ ଙ୍କ ତତ୍ୱାବଧାନରେ ପ୍ରସିକ୍ଷିକା ଲକ୍ଷ୍ମୀ ପ୍ରିୟା ପତି ଛାତ୍ରୀ ମାନଙ୍କୁ ଆତ୍ମ ରକ୍ଷା ନିମନ୍ତେ ରଣ କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ ।

## ସଡକ ଦୁର୍ଘଟଣାରେ ସାମ୍ବାଦିକ ଆହତ

ମାହାଙ୍ଗା ୫/୩ (ନି.ପ୍ର): ମାହାଙ୍ଗା ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ବିବେକାନନ୍ଦ ଦାସ ସ୍କୁଟିରୁ ପଡି ଆହତ ହୋଇଥିବା ଜଣାପଡିଛି। ଶ୍ରୀ ଦାସ ନିଜ କାର୍ଯ୍ୟରେ ୮ ନଂ କେନାଲ ବନ୍ଧରେ ନିଜ ସ୍କୁଟି ଯୋଗେ ଯାଉଥିଲା ବେଳେ ଏଣ୍ଡର ଛକ ନିକଟରେ ଏକ କୁକୁର ଅଚାନକ ତାଙ୍କ ସ୍କୁଟି ସମ୍ମୁଖକୁ ପଶିଯିବାରୁ ସେ ଭାରସାମ୍ୟ ହରାଇ ସ୍କୁଟି ସହ ତଳେ ପଡିଯାଇଥିଲେ। ଫଳରେ ତାଙ୍କ ବାମ ହାତରେ ଆଘାତ ଲାଗି ହାତ ଭାଙ୍ଗିଥିବା ଜଣାପଡିଛି। ତାଙ୍କ ଦୁର୍ଘଟଣାର ଖବର ପାଇଁ ତାଙ୍କ ବାସଭବନରେ ସାମ୍ବାଦିକ ପି.କେ. ବାରିକ, ପ୍ରଫୁଲ୍ଲ କୁମାର ମହାପାତ୍ର, ବିଜୟ କୁଅଁର, ପ୍ରମୋଦ ଦାଶ, କୃଷକ ନେତା ରାମଚନ୍ଦ୍ର ସ୍ୱାଇଁ, ଗୌତମ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ବହୁ ସାମ୍ବାଦିକ ଓ ସମାଜସେବୀ ଶ୍ରୀ ଦାସଙ୍କ ବାସଭବନରେ ପହ□ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କର ଆଂଶୁ ଆରୋଗ୍ୟ କାମନା କରିଥିଲେ।

# ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ଅନୀୟମିତତା:ଭିଜିଲାନ୍ସ ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି, ୫/୩ (ନି.ପ୍ର): ମାହାଙ୍ଗା ବ୍ଲକର ପ୍ରମୁଖ ରାସ୍ତା ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତି କରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ସାଲେପୁର ପର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀଙ୍କ ଅଧିନରେ ଥିବା ଉକ୍ତ ରାସ୍ତାଟି ସାଲେପୁରଠାରୁ ଛତିଆ ପର୍ଯ୍ୟନ୍ତ ୨୪ କି.ମି. ଦୂରତା ବିଶିଷ୍ଟ ହୋଇଥିଲା ବେଳେ ଏହାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ ପାଇଁ ପୂର୍ବ ସରକାରଙ୍କ ଅମଳରେ ୪୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଗୋଟିଏ ପଟରେ ରାସ୍ତାର କାର୍ଯ୍ୟ ଚାଲୁ ରହିଥିବା ବେଳେ ନିର୍ମାଣ ସରିଥିବା ରାସ୍ତା ଉପରୁ ପିଚୁ ଉଠିଥିବା ଦେଖିବାକୁ ମିଳୁଛି । ଅପରପକ୍ଷରେ ରାସ୍ତାରେ ଢଳେଇ ହୋଇଥିବା ସ୍ଥାନ ଗୁଡିକରେ ଢଳେଇ ଉପରୁ ଗୋଡି ସବୁ ଉଠି ଗଲାଣି । ଅନେକ ସ୍ଥାନରେ ରାସ୍ତା ମଧ୍ୟ ଫାଟି ଗଲାଣି । ଯାହାଫଳରେ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି ହେଉଛି । ସେହିଭଳି ନିର୍ମାଣ କାର୍ଯ୍ୟରେ ନିମ୍ନମାନର ନିର୍ମାଣ ସାମଗ୍ରୀ, ବାଲି ଧୂଳି



ମିଶା ମୋହରମ, ଚିପ୍ସ ବ୍ୟବହୃତ ହେଉଥିବା ଯୋଗୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ଏବେଠୁ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ ସଂଯୋଗ ସ୍ଥାନ ଉପରେ ଢଳେଇ କରିବା ଫଳରେ ସେହି ବିଭାଗର କଣ୍ଟ୍ରାକ୍ଟର ରାସ୍ତାକୁ ଖୋଳି ଦେଉଥିବା ଫଳରେ ରାସ୍ତା ମଧ୍ୟ ଅନୁରୂପ ଭାବେ ନଷ୍ଟ ହେଉଛି । ରାସ୍ତାରୁ ବିଦ୍ୟୁତଖୁ□ ଓ ଜବରଦଖଲ ଉଚ୍ଛେଦ ନକରାଯାଇ ତରବରିଆ ଭାବେ ରାସ୍ତା ନିର୍ମାଣ ଚାଲିଛି । ରାସ୍ତା ପାର୍ଶ୍ୱରେ ଥିବା ପ୍ରମୁଖ ବଜାର ଗୁଡିକ ସ୍ଥାନରେ ଢଳେଇ ନକରାଯାଇ ପିଚୁ ପକାଯାଇ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି । ରାସ୍ତାର ନିର୍ମାଣ କାର୍ଯ୍ୟ ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା ଠିକ୍ ରୂପେ ତଦାରଖ ନକରାଯିବା ଫଳରେ ଠିକାଦାରମାନେ ନିଜ ମନମୁଖୀରେ କାର୍ଯ୍ୟ କରୁଥିବା ଜଣାପଡିଛି । ଠିକାଦାର ବଦଳି ଚାଲିଥିଲେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟର ବ୍ୟବସ୍ଥା ପୂର୍ବବତ୍ ନିମ୍ନମାନର ରହିଛି । ସ୍ଥାନେ ସ୍ଥାନେ ରାସ୍ତାର ଅର୍ଦ୍ଧେକ ଅଂଶ କାର୍ଯ୍ୟକରି ଛାଡି ଯିବା ଫଳେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ସେହିଭଳି ରାସ୍ତାର ବ୍ୟୟ ଅଟକଳ ଓ ନିର୍ମାଣ କାର୍ଯ୍ୟ ସମ୍ବନ୍ଧୀୟ ତଥ୍ୟ ସଠିକ୍ ଭାବେ ସୂଚନା ଫଳକ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଦର୍ଶାଯାଇ ନାହିଁ। ଯାହାଫଳରେ ଏହା ସୂଚନା ଆଇନର ଖିଲାପ ବୋଲି ଆଲୋଚନା ହେଉଛି । ସାଲେପୁର - ଛତିଆ ରାସ୍ତାଟି ମାହାଙ୍ଗା ବ୍ଲକର ମୁଖ୍ୟ ରାସ୍ତା ହୋଇଥିବାରୁ ନିମ୍ନମାନର ରାସ୍ତା ନିର୍ମାଣର ଏକ ଭିଜିଲାନ୍ସ ତଦନ୍ତ କରାଯିବା ସହ ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ରେଙ୍ଗାଲି କେମ୍ପ ଛକ ରୁ ଟାଙ୍ଗରପାଲି ୩୨କୋଟି ର ରାସ୍ତା କାମ ରେ ଦୁର୍ନୀତି

ବରଗଡ଼ ୫/୩ (ନି.ପ୍ର): ବରଗଡ଼ ଅତାବିରା ବ୍ଲକ୍ ଅନ୍ତର୍ଗତ ୫୩ନଂ ମୁଖ୍ୟ ଜାତୀୟ ରାଜପଥ ରେଙ୍ଗାଲି କେମ୍ପ ଛକ ରୁ ଟାଙ୍ଗର ପାଲି କେନାଲ ରାସ୍ତା ପାଖାପାଖି ୧୬ କିଲୋ ମିଟର ପ୍ରଶସ୍ତି କରଣ କରିବାକୁ ଯାଇ ପୂର୍ତ୍ତ ବିଭାଗ ଦ୍ୱାରା ୩୨କୋଟି ଟଙ୍କା ଅଟକଳ ମୂଲ୍ୟରେ ନିର୍ମାଣାଧିନ କାର୍ଯ୍ୟ ମନ୍ଥର ଗତି ରେ ଚାଲିଥିବା ବେଳେ ଲୋକଙ୍କ ଯିବା ଆସିବା ପାଇଁ ବାଇପାସ୍ ରାସ୍ତା ନାହିଁ ରାସ୍ତା ରେ ପାଣି ମରା ଯାଉନାହିଁ।ଯଦ୍ଵାରା ଲୋକ ତଥା ସ୍କୁଲ ପିଲା ଯିବା ଆସିବା ମୁସ୍କିଲ ହୋଇ ପଡ଼ିଛି।ଚାରିଆଡ଼େ ଗେଟି,ମେଟାଲ ଡଷ୍ଟ ସହ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ,ଗଛ, କେନାଲ ଆରମ୍ଭ ହେଲା ଦିନଠାରୁ ୧୯ ୫୬ ମସିହାର ର ଭଙ୍ଗା ଦଦରା ୨୦ଟି ଛୋଟ ବଡ ପୋଲ,ସାଇ ପୋଲ,କଲ ଭଟ ଗୁଡ଼ିକ ଦବି ଭଙ୍ଗିରୁଚି ଯାଇ ଜରାଜୀର୍ଣ୍ଣ ଅବସ୍ଥା ରେ ବିପଦକୁ ଆମନ୍ତ୍ରଣ କରି ଆସୁଛି।ସମତଳ ତଥା ଖାଲି ଜାଗା ଦେଖି ଚଞ୍ଚକତା କରି କେଉଁଠି ପିଚୁ ତ କେଉଁଠି କଂକ୍ରିଟ ଥୋକେ ଲେଖାଏଁ ରାସ୍ତା କାମ କରି ଦିଆଯାଉଛି।ତାହା ପୁଣି ଅତି ନିମ୍ନ ମାନର।ଏପରିକି କେତେକ ସ୍ଥାନରେ ଅର୍ଦ୍ଧ ନିର୍ମିତ କରି ଛାଡ଼ି ଦିଆଯାଇଛି।ବିଭାଗୀୟ ରାସ୍ତା ତିଆରି ଦିନଠାରୁ ହଜାର ହଜାର ଗାଡ଼ି ମଟର,ଲୋକ ତଥା ସ୍କୁଲ କଲେଜ୍ ପିଲାଙ୍କ ଯାତାୟାତ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନକରି ଏଣେ ତେଣେ ରାସ୍ତା ତିଆରି କରି ଚାଲିଥିବା ବେଳେ ଲୋକ ତଥା ସ୍କୁଲ କଲେଜ୍ ପିଲା ଯିବାଆସିବା ରେ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି।ତେବେ ଏଠି ପ୍ରଶ୍ନ ଉଠୁଛି ଯେ ରାସ୍ତା ତିଆରି ପୂର୍ବରୁ ସରକାର ବାହାଦୁର ଙ୍କୁ ଜଣା ନଥିଲା କି ଏହି ରାସ୍ତା ରେ ବହୁ ପୁରୁଣା ଭଙ୍ଗା ଦଦରା ବ୍ରିଜ ତଥା ସାଇପୂଲ୍ ଏବେ ଜୀବନ ନେବା ଅବସ୍ଥାରେ ଅନାଇ ରହିଛି ।

## ଶକ୍ତିନଗର କଂଗ୍ରେସ ପକ୍ଷରୁ ଭକ୍ତ ଦାସଙ୍କୁ ବିପୁଳ ସମ୍ବର୍ଦ୍ଧନା

କଟକ ୫/୩ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡିଶା ପ୍ରଦେଶ କଂଗ୍ରେସର ନବ ନିଯୁକ୍ତ ସଭାପତି ଶ୍ରୀ ଭକ୍ତ ଚରଣ ଦାସ ସୌଜନ୍ୟ ମୂଳକ ଭାବେ କଟକସ୍ଥିତ ସ୍ୱରାଜ ଆଶ୍ରମ, ନେତାଜୀ ଜନ୍ମସ୍ଥାନ, ଚଣ୍ଡି ମନ୍ଦିର, ସମାଜ ଓ ପ୍ରଜାତନ୍ତ୍ର କାର୍ଯ୍ୟାଳୟକୁ ଗସ୍ତ ସମୟରେ କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀଙ୍କ ପରାମର୍ଶକ୍ରମେ ଖପୁରିଆ ଛକଠାରେ ଜିଲ୍ଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତଙ୍କ ମିଳିତ ତତ୍ୱାବଧାନାରେ ୪୦୦ ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ପିସିସି ସଭାପତି ଶ୍ରୀଯୁକ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ପୂର୍ବତନ ସଂପାଦକ ପ୍ରିୟଜିତ୍ ରାୟ, କଟକ ନଗରଜିଲ୍ଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡା, ଜିଲ୍ଲା କଂଗ୍ରେସ ସଂପାଦକ ସଚିଦାନନ୍ଦ ରାଉତ, ବରିଷ୍ଠ କଂଗ୍ରେସ ନେତା ଆଲୋକ ନନ୍ଦ, ଆଠଗଡ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସୁଦର୍ଶନ ସାହୁ, ନଗରକଂଗ୍ରେସ ସାଧାରଣ ସଂପାଦକ ନିର୍ମଳ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ଉଗ୍ରେସନ ଭୂୟାଁ, ନଗର କଂଗ୍ରେସ ଉପସଭାପତି ମାନସ ନାୟକ, ବରିଷ୍ଠ କଂଗ୍ରେସ ନେତା ସୀତାକାନ୍ତ ପଣ୍ଡା, ନିହାର ରଂଜନ ନନ୍ଦ, ଯୁବନେତା କାଳନ୍ଦୀ ଖୁଣ୍ଟିଆ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ଛାତ୍ର ନେତା ସୁନୀଲ ଜେନା, ଲିପୁଲ ରାଉତ, ସନ୍ତୋଷ ବିଶ୍ୱାଳ, ବିଶ୍ୱରଂଜନ ଜେଠୀ, ରାଜଶିଖନ ସ୍ୱାଇଁ, ଦୀପକ ସାହୁ, ରଂଜନୀ ବସ୍ତିଆ, ବି.କି. ଜେଠୀ, ଋଷି କାଣ୍ଡି, ନଗର ମହିଳା କଂଗ୍ରେସ ସଭାନେତ୍ରୀ କଳ୍ପନା ସେନ ପ୍ରମୁଖ ଯୋଗଦେଇ ଉତ୍ସାହର ସହିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଶ୍ରୀ ଦାସଙ୍କ ନେତୃତ୍ୱରେ କଂଗ୍ରେସ ସାରା ରାଜ୍ୟରେ ତୃଣମୂଳକ ସ୍ତରରୁ ମଜଭୁତ ହେବା ସହ ହରାଇଥିବା ସ୍ଥିତିକୁ ପୁନଶ୍ଚ ଫେରି ପାଇବ ବୋଲି ଆଶା ବ୍ୟକ୍ତ କରିଥିଲେ । ଉଭୟ ବିଜେପି ଓ ବିଜେଡି ଶାସନ ସମୟରେ କଟକ ପ୍ରତି ଚରମ ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ଏହା ବିରୁଦ୍ଧରେ ଆଗକୁ କଂଗ୍ରେସ ପକ୍ଷରୁ ଯୋରଦାର ଆନ୍ଦୋଳନ ହେବ ବୋଲି କଂଗ୍ରେସ କର୍ମୀମାନେ କହିଥିଲେ ।

## ମିଶନ ଶକ୍ତି ଘରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର,ପିଲାଙ୍କ ପାଇଁ ଘରୁ ଆସିଲା ଖାଦ୍ୟ



ବରଗଡ଼ ୫/୩ (ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ଆଇସିଡିଏସ ଅଧୀନସ୍ଥ ୱାର୍ଡ -୪ ଓ୍ୱେର ହାଉସ ନିକଟରେ ରହିଛି ଏକ କାମ ଚଲା ଭାବେ ୫ନଂ କେନ୍ଦ୍ର ମିଶନ ଶକ୍ତି ଘରେ ଗୋଟିଏ ବର୍ଷ ହେବ ଚାଲିଛି।ପିଲାଙ୍କ ଭବିଷ୍ୟତ ପାଇଁ ନିୟମ ମୁତାବକ ରହିବା ଆବଶ୍ୟକ ଯଥା ଶୌଚାଳୟ, ରୋଷେଇ ଘର,ଖେଳିବା ଘର,ପାଠ୍ୟ ସମ୍ବନ୍ଧୀୟ ଭଳି ଅନେକ ବ୍ୟବସ୍ଥା ଏଠି ଫେଲ ମାରିଛି।କେନ୍ଦ୍ର ରେ ପିଲାଙ୍କ ସଂଖ୍ୟା ରହିଛି ୨୦,ହେଲେ ଆସୁଛନ୍ତି କମ୍।ତାହା ପୁଣି ଗୋଟିଏ ପରେ ଗୋଟିଏ ଆସୁଥିବା ଜଣା ପଡିଛି।ହେଲ୍ପର ଙ୍କ କହିବା ଅନୁଯାୟୀ ପିଲାଙ୍କ ପାଇଁ ମୁଁ ଘରେ ଭାତ ରାନ୍ଧି ଟିଫିନ୍ କେରିଆର ଆଣିଥିବା ବେଳେ ଡାଲି,ତରକାରୀ ଦିଦି ଙ୍କ ଘରୁ ଆସିବ ବୋଲି ପ୍ରକାଶ କରି ଥିଲେ।ଇତି ମଧ୍ୟରେ ସାଢ଼େ ୧୦ଟା ରେ ଦିଦି ପହଞ୍ଚିବା ପରେ ପଚାରିବାରୁ ଗ୍ୟାସ ସରିଯାଇଛି,ନହେଲେ ଏଠି ପିଲାଙ୍କ ପାଇଁ ଖାଦ୍ୟ ତିଆରି ହୋଇଥାଏ ବୋଲି କହି ନିଜ ଦୋଷ ଝାଡି ଦେଇଥିଲେ।ହେଲେ ରୋଷେଇ ଘର କୁ ବୁଲି ଦେଖିବା ମାତ୍ରେ ରୋଷେଇ ହେବାର କୌଣସି ଚିହ୍ନ ବର୍ଣ୍ଣ ନଥିଲା।ଏହା ପୂର୍ବରୁ ଦୀର୍ଘ ୧୮ବର୍ଷ ଧରି ରେଲଓ୍ୱେ ଷ୍ଟେସନ ପଡ଼ା ର କାହାର ବାରଣ୍ଡା ତ ଆଉ କେତେବେଳେ ଗଛ ତଳେ ପିଲାଙ୍କ ପାଠ ପଢା ହୋଇଆସୁ ଥିଲା।ଯାହା ପିଲାଙ୍କ ଦୁର୍ଦ୍ଦଶା ଦେଖି ଅସ୍ଥାୟୀ ଭାବେ ମିଶନ ଶକ୍ତି ଗୃହ କୁ ସ୍ଥାନାନ୍ତର କରି ପାଠ ପଢ଼ା କରାଯାଇ ଥିଲା।ତେବେ ଏଠି ପ୍ରଶ୍ନ ଉଠୁଛି ଯେ ଆଉ କେତେ ବର୍ଷ ପରେ ସ୍ଥାୟୀ ଭାବେ ପିଲାଙ୍କ ଭବିଷ୍ୟତ ଗଢା ହେବ ନାଁ କୋମଳ ମତି ଶିଶୁ ମାନଙ୍କୁ ଅନ୍ୟତ୍ର ସ୍ଥାନ କୁ ଠେଲି ଦିଆଯିବ।

## ଅଷ୍ଟ ପ୍ରହର ନାମଯଜ୍ଞରେ ଯୋଗଦେଲେ ଲୋକପ୍ରତିନିଧି

ନିଶ୍ଚିନ୍ତକୋଇଲି ୫/୩ (ନି.ପ୍ର): ନିଶ୍ଚିନ୍ତକୋଇଲି ଗ୍ରାମ ପଂଚାୟତ ଅନ୍ତର୍ଗତ ଓଥକା ଗ୍ରାମର ପ୍ରସିଦ୍ଧ ଶୈବ ପୀଠ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆଖପାଖ ଅଂଚଳରୁ ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ଗାନ କରିଥିଲେ । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ୨୪ ନଂ ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କିଶୋର କାପ, ବଡକ୍ଷୀରପଂଚାୟତ ସରପଂଚ ହିଂମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲଙ୍କ ସମେତ ବହୁ ଲୋକ ପ୍ରତିନିଧି ଯୋଗଦେଇ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଶ୍ରବଣ କରିବା ସହ ଶ୍ରୀ ଚୈତନ୍ୟ ରାଧାକୃଷ୍ଣଙ୍କ କୃପାଲାଭ କରିଥିଲେ ।

# ଗଞ୍ଜାମ ଜିଲ୍ଲା ମାନଚିତ୍ରରେ ଆର୍ଯ୍ୟପଲ୍ଲୀ ପଂଚାୟତ ଲୀନ ହୋଇଯିବ

## ବଡ଼ ଆନ୍ଦୋଳନ ପାଇଁ ଚେତାବନୀ ଦେଲେ ମତ୍ସ୍ୟଜୀବୀ





ଛତ୍ରପୁର ୫/୩ (ନି.ପ୍ର): ସମୁଦ୍ର ଆଁ କରି ରହିଛି । କେଉଁ ମୁହୂର୍ତ୍ତରେ ଆର୍ଯ୍ୟପଲ୍ଲୀ ପଂଚାୟତକୁ ସମୁଦ୍ର ଗିଳି ଦେବ । ଆର୍ଯ୍ୟପଲ୍ଲୀ ପଂଚାୟତର ପ୍ରାୟ ୨ ରୁ ୩ କିଲୋମିଟର ଦୂରରେ ଥିବା ସମୁଦ୍ର ଏବେ ଆଉ ମାତ୍ର ୫୦ ମିଟର ଦୂରରେ ରହିଛି । କେତେବେଳେ ସମୁଦ୍ରର ପଂଚାୟତକୁ ମାଡି ଆସିବ ସେଥିପାଇଁ ସବୁ ଭୟଭୀତରେ ରହିଛନ୍ତି । ଏଦିଗରେ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଥିଲେ ସୁଦ୍ଧା ଏସମ୍ବନ୍ଧରେ କର୍ଣ୍ଣପାତ କରୁନାହାନ୍ତି କିମ୍ବା ପଂଚାୟତ ସୁରକ୍ଷାରେ କୌଣସି ପଦକ୍ଷେପ ନେଉନାହାନ୍ତି । ଏମିତି ଦିନ ଆସିବ ଗଞ୍ଜାମ ଜିଲ୍ଲା ମାନଚିତ୍ରରେ ଆର୍ଯ୍ୟପଲ୍ଲୀ ପଂଚାୟତ ସଂପୂର୍ଣ୍ଣ ଭାବେ ଲୀନ ହୋଇଯିବ । ଆଜି ଏହି ପ୍ରସଙ୍ଗକୁ ନେଇ ଆର୍ଯ୍ୟପଲ୍ଲୀ ପଂଚାୟତବାସୀ ବଡ ବିଡମ୍ବନାର ସହ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି । ଆର୍ଯ୍ୟପଲ୍ଲୀ ମତ୍ସ୍ୟ ଜେଟି ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସାନଆର୍ଯ୍ୟପଲ୍ଲୀ ର ମୁତ୍ୟାଲୁ ପୋଲମ୍ମା ଗ୍ରାମ୍ୟ କମିଟିର ସଭାପତି ଲେଙ୍କା ଏରେୟା, ସଂପାଦକ ଏମ୍.ଦିଲ୍ଲୀପ, ସରପଂଚ ତ୍ରିଲୋଚନ ବେହେରା, ମତ୍ସ୍ୟଜୀବୀ ନେତା ବି.ଭୀମସେନ, ଲକ୍ଷ୍ମୀନୃସିଂହ ଟ୍ରଷ୍ଟ ସଭାପତି ଏନ୍.ଦୀନବନ୍ଧୁ, ସଂପାଦକ କେ.ଦାଶରଥୀ, ସାନଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟିର ସଦସ୍ୟ ବି.ଜଗନ୍ନାଥ, ଜେ.ଚିନେୟା, ପୂର୍ବତନ ସଭାପତି ଏମ୍.କାମରାଜୁ, ବଡଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସଦସ୍ୟ ଏନ୍.ଶ୍ୟାମ ପ୍ରମୁଖ ମଂଚାସୀନ ରହି ଜିଲ୍ଲା ପ୍ରଶାସନ ଓ ଗୋପାଳପୁର ପୋର୍ଟ ବିରୋଧରେ ବିକ୍ଷୋଦାଗାର ଓଗାଳିଛନ୍ତି । ଯଦି ଗଞ୍ଜାମ ଜିଲ୍ଲା ମାନଚିତ୍ରରେ ଆର୍ଯ୍ୟପଲ୍ଲୀ ପଂଚାୟତ ଲୀନ ହେବ ତେବେ ଆମେ ମଧ୍ୟ ଏହି ଅଂଚଳରେ କାହାକୁ ମଧ୍ୟ ରଖାଇଦେବୁନି । ଆସନ୍ତାଦିନରେ ଜିଲ୍ଲା ପ୍ରଶାସନ ଓ ପୋର୍ଟ କର୍ତ୍ତୃପକ୍ଷ ପଂଚାୟତବାସୀଙ୍କ ବିଭିନ୍ନ ସମସ୍ୟା ପ୍ରତି ଗୁରୁତ୍ୱ ନ ଦିଅନ୍ତି ତେବେ ପୋର୍ଟ ଗେଟ୍ ତାଲା ପକାଇବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ଏବଂ ରାଜରାସ୍ତା ରେ ଡ଼ଙ୍ଗା ରଖି ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଛନ୍ତି । ଏଥିରେ ଆର୍ଯ୍ୟପଲ୍ଲୀ ପଂଚାୟତ ସମେତ ୨୭ଗାଁ ଲୋକ ମଧ୍ୟ ସାମିଲ ହେବେ, ପଂଚାୟତବାସୀଙ୍କ ମୁଖ୍ୟତଃ ଦାବି ଗୁଡିକ ଯଥା- ଗୋପାଳପୁର ପୋର୍ଟ ମତ୍ସ୍ୟଜେଟି ସମୁଦ୍ର ମୁହାଣକୁ ସବୁଦିନିଆ ଡଙ୍ଗା ଗୁଡିକ ଯାତାୟତ ପାଇଁ ଡ୍ରେଜିଂ କରିବା, ଆର୍ଯ୍ୟପଲ୍ଲୀ ପଂଚାୟତ ଗ୍ରାମ ଗୁଡିକର ଉପକୂଳ ସୁରକ୍ଷା ରଖିବା ପାଇଁ ପଥରବନ୍ଧ ନିର୍ମାଣ କରିବା, ମତ୍ସ୍ୟ ଜେଟିରେ ଆଲୋକୀକରଣ କରିବା ଓ ପାଣି ବ୍ୟବସ୍ଥା କରିବା, ଆର୍ଯ୍ୟପଲ୍ଲୀ ପଂଚାୟତ କୂଳରେ ମତ୍ସ୍ୟଜୀବି ଙ୍କ ପାଇଁ ଫିସର ଜେଟି କରିବା ପାଇଁ ଜାଗା ଚିହ୍ନଟ ଓ ସେଂଟ୍ରାଲ୍ ଟିମ୍ ଜାଗା ପରୀକ୍ଷା କରି ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାମ ହୋଇପାରୁନି । ବର୍ତ୍ତମାନ ଫିସର ଜେଟି ତୁରନ୍ତ କରିବା ଆବଶ୍ୟକ, ମତ୍ସ୍ୟ ଜେଟି ରେ ଥିବା ପୁରୁଣା ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା କାନ୍ଥ ଗୁଡିକୁ ଭଙ୍ଗା ଯାଇ ସଫା କରାଯାଉ ବୋଲି ଦାବି ରହିଛି । ଉକ୍ତ ଦାବି ଗୁଡିକ ପୂରଣ ପାଇଁ ଗତ ୨୫ ତାରିଖଠୁ ଜିଲ୍ଲା ପ୍ରଶାସନ ଓ ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷଙ୍କୁ ଜଣା ଇଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଓ ପୋର୍ଟ ପକ୍ଷରୁ ପଂଚାୟତବାସୀଙ୍କୁ କୌଣସି ସୂଚନା କିମ୍ବା ଆଲୋଚନା କରାଯାଇନାହିଁ । ଏଣୁ ଆଜି ବାଧ୍ୟ ହୋଇ ପଂଚାୟତ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଉପରୋକ୍ତ ଦାବି ବିଷୟରେ ଉପସ୍ଥାପନ କରାଯାଇଛି । କିଛିଦିନ ଅପେକ୍ଷା କରିବା ପରେ ଜିଲ୍ଲା ପ୍ରଶାସନ ଓ ପୋର୍ଟ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଗଲେ ପଂଚାୟତବାସୀ ଆନ୍ଦୋଳନ କରିବା ପାଇଁ ନିଷ୍ପତି ନିଆଯାଇଛି । ସୂଚନାଥାଉକି ଯେ, ଗୋପାଳପୁର ପୋର୍ଟ ମତ୍ସ୍ୟଜେଟି ସମୁଦ୍ର ମୁହାଣୁ ସବୁଦିନିଆ ଡଙ୍ଗା ଗୁଡିକ ଯାତାୟତ ପାଇଁ ଡ୍ରେଜିଂ କରିବା ପାଇଁ ଜିଲ୍ଲା ପ୍ରଶାସନ ସହିତ ପୋର୍ଟ ୨୦୧୭ ମସିହା ଏବଂ ପୁଣି ୨୦୧୯ ମସିହା ଦୁଇଥର ଏମଓୟୁ ସ୍ୱାକ୍ଷର କରିଥିଲା । କିନ୍ତୁ ତାହା କାର୍ଯ୍ୟକାରୀ ହୋଇନାହିଁ । ସେହିପରି ବର୍ତ୍ତମାନ ନୂତନ ଭାବେ ପୋର୍ଟ ପରିଚାଳନା ଦାୟିତ୍ୱ ଆଦାନୀକୁ ନ୍ୟସ୍ତ କରାଯାଇଛି । ଏହି କମ୍ପାନିକୁ ମଧ୍ୟ ପଂଚାୟତ ପକ୍ଷରୁ ସମସ୍ୟା ବିଷୟରେ ଜଣାଇଲେ ସୁଦ୍ଧା କର୍ଣ୍ଣପାତ କରୁନାହାନ୍ତି । ଆର୍ଯ୍ୟପଲ୍ଲୀ ମତ୍ସ୍ୟଜେଟି ଉପରେ କେବଳ ଆର୍ଯ୍ୟପଲ୍ଲୀ ପଂଚାୟତ ନୁହଁ ଜିଲ୍ଲାର ସମସ୍ତ ମତ୍ସ୍ୟଜୀବୀମାନେ ନିର୍ଭର କରୁଛନ୍ତି । ଜେଟି ଖନନ କରି ମତ୍ସ୍ୟଜୀବୀମାନଙ୍କ ଜୀବିକାରେ ସୁଧାର ଆସିପାରିବ । ଏଣୁ ଗଣମାଧ୍ୟମ ଜରିଆରେ ଆଜି ପଂଚାୟତବାସୀ ତରଫରୁ ଜିଲ୍ଲା ପ୍ରଶାସନ ଓ ପୋର୍ଟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଛି । ଆର୍ଯ୍ୟପଲ୍ଲୀ ନିକଟରେ ଥିବା ମତ୍ସ୍ୟ ବିଭାଗର ମାଛଧରା ଜେଟିର ସମୁଦ୍ର ମୁହାଣ ପୋତି ହୋଇଯାଇଛି । ଦୀର୍ଘବର୍ଷ ଧରି ଏପରି ସ୍ଥିତି ଲାଗି ରହିଛି । ଏଥିଲାଗି ମତ୍ସ୍ୟଜୀବୀମାନେ ମଧ୍ୟ ସମୁଦ୍ର କୂଳକୁ ମାଛ ଧରି ଡଙ୍ଗାରେ ଆସି ପାରୁନାହାନ୍ତି । ଲହଡାରେ ଡଙ୍ଗା ଭାଙ୍ଗିବା ସହ ମାଛ ନଷ୍ଟ ହେଉଛି । ଏଥିସହ ଏହି ଦୁର୍ଘଟଣାରେ ମତ୍ସ୍ୟଜୀବୀମାନେ ଆହତ ହେଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି । ଏପରିକି ସେମାନଙ୍କ ଜୀବନଜୀବିକା ବିଶେଷ ପ୍ରଭାବିତ ହୋଇଛି । ଏହାଫଳରେ ବହୁ ମତ୍ସ୍ୟଜୀବୀ ପେଟପାଟଣା ପାଇଁ ଗାଁ ଛାଡି ସୁଦୂର ଗୋଆ, କେରଳ, ବମ୍ବେ, ମାଡ୍ରାସ ଆଦି ସ୍ଥାନକୁ ଯାଇ ସେଠାରେ ଫିସିଂ ହାରବରରେ କାମ କରିବାକୁ ପଡୁଛି । ଏବେ ଯେଉଁ ମାଛଧରା ଜେଟି ଗୋପାଳପୁର ପୋର୍ଟ ପରିସରରେ ଅଛି । ମୁହାଣ ପୋତି ହୋଇଯିବାରୁ ମତ୍ସ୍ୟଜୀବୀଙ୍କୁ ସେମାନଙ୍କ ଡଙ୍ଗାଗୁଡିକୁ ସୁରକ୍ଷିତ ସ୍ଥାନକୁ ଆଣିବାରେ ଅସୁବିଧା ହେଉଛି । ପଥରବନ୍ଧ ନିର୍ମାଣ ନେଇ ୫୦ କୋଟି ଓ ଫିସିଂ ହାରବର ନିର୍ମାଣ ନେଇ ୩୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ସରକାର ଡିଣ୍ଡିମ ପିଟୁଥିବା ବେଳେ ଏନେଇ ବର୍ତ୍ତମାନ ସୁଦ୍ଧା କାମ ଇଞ୍ଚିଟିଏ ମଧ୍ୟ ଆରମ୍ଭ ହୋଇନାହିଁ । ତେଣୁ ମତ୍ସ୍ୟଜୀବୀଙ୍କ ସମସ୍ତ ସମସ୍ୟା ନେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ଦାବି କରିଛନ୍ତି ପଂଚାୟତ ବାସୀ । ଏହି ଜେଟି ପ୍ରାୟ ୩୦ବର୍ଷ ପୁରୁଣା ମତ୍ସ୍ୟଜେଟି । ଏହି ଜେଟିକୁ ଗତ ୧୯୯୩ ମସିହା ଜାନୁଆରୀ ମାସ ୨୨ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହାଦ୍ୱାରା ମତ୍ସ୍ୟଜୀବୀଙ୍କୁ ମାଛ ମାରିବାରେ ବେଶ ସୁବିଧା ହେଉଥିଲା । ଜେଟିରେ ମାଛଧରା ଡ଼ଙ୍ଗା ରଖିବା, ଗୋଦାମ ଗୃହ ସହ ସମସ୍ତ ପ୍ରକାରର ଆନୁସଙ୍ଗିକ ସୁବିଧା ରହିଥିଲା । କିନ୍ତୁ ଏଥିପ୍ରତି ପ୍ରଶାସନ ଧ୍ୟାନ ନଥିବା ଯୋଗୁଁ ଏହି ଜେଟି ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଏହି ଜେଟିରୁ ପ୍ରତିଦିନ ବିଭିନ୍ନ ଅଞ୍ଚଳକୁ ମାଛ ରପ୍ତାନି ହୋଇଥାଏ । ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ ସହିତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ ମାନେ ଆର୍ଯ୍ୟପଲ୍ଲୀକୁ ଆସି ମାଛ ନେଇଥାନ୍ତି । କେବଳ ମାଛ ନୁହେଁ ବରଂ ମାଛକୁ ଶୁଖାଇ ରଖାଯାଇ ପ୍ରସ୍ତୁତ ହେଉଥିବା ଶୁଖୁଆକୁ ମଧ୍ୟ ବାହାର ରାଜ୍ୟକୁ ରପ୍ତାନୀ କରାଯାଇଥାଏ । କିନ୍ତୁ ବର୍ତ୍ତମାନ ଜେଟିରେ ସମସ୍ୟା କହିଲେ ନ ସରେ ।

## ପାଞ୍ଚ ଦିନିଆ ବାଲ୍ ବାଟିକା ପ୍ରଶିକ୍ଷଣ ଶିବିର

କଣାସ ୫/୩ (ନି.ପ୍ର): ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ରାଜ୍ୟ ସରକାର ଆସନ୍ତା ଶିକ୍ଷାବର୍ଷରୁ ୪୫ହଜାର ପ୍ରାଥମିକ ବିଦ୍ୟାଳୟରେ ୫-୬ ବର୍ଷର ପିଲାଙ୍କୁ ଶିଶୁବାଟିକା ଶ୍ରେଣୀରେ ନାମ ଲେଖାବା ଓ ପ୍ରାକ୍ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ପୂର୍ବରୁ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଆଉ ଗୋଟିଏ ଶ୍ରେଣୀ ଶିଶୁ ବାଟିକା ଭାବେ ଯୋଡ଼ିହେଲା । ସେଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଜଣେ ଲେଖାଏ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବାଲ୍ ବାଟିକା ପ୍ରସ୍ତୁତି ପ୍ରଶିକ୍ଷଣ ମାର୍ଚ୍ଚ ୩୧ ପୂର୍ବରୁ ସାରିବା ପାଇଁ ଲକ୍ଷ ରଖିଛନ୍ତି । ଏହି ପରିପ୍ରେକ୍ଷୀରେ କଣାସ ଗୋଷ୍ଠୀଶିକ୍ଷା ଅଧୀନରେ ଥିବା ପ୍ରାଥମିକ ବିଦ୍ୟାଳୟ ଗୁଡିକର ଜଣେ ଜଣେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ବେଣାଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉତ୍ତର ଚିଲିକା ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚ ଦିନିଆ ବାଲ୍ ବଟିକା ପ୍ରସ୍ତୁତି ପ୍ରଶିକ୍ଷଣ ତାଲିମ ଶିବିର ସୋମବାର ଠାରୁ ଆରମ୍ଭ କରାଯାଇଛି । ପ୍ରଥମ ଦିନ ପ୍ରଶିକ୍ଷଣ ଶିବିରରେ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ତାଲିମ ଶିବିର ଆରମ୍ଭ ହୋଇଥିଲା । ଶିକ୍ଷକ ଶିକ୍ଷୟତ୍ରୀମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ପରେ ଜାତୀୟ ଶିକ୍ଷାନୀତି -୨୦୨୦ ଅନୁଯାୟୀ ପ୍ରାକ୍ ବିଦ୍ୟାଳୟରେ ପିଲାମାନଙ୍କ ଆଦ୍ୟ ଶୈଶବ ଯତ୍ନ,ଶିକ୍ଷାର ଗୁରୁତ୍ୱ,ପିଲାର ଶିକ୍ଷଣ ପ୍ରକ୍ରିୟାକୁ ବୁଝିବା,ଜାତୀୟ ପାଠ୍ୟକ୍ରମ ଆଧାରରେ ମୌଳିକ ସ୍ତର ବିକାଶର ବିଭିନ୍ନ ଦିଗ , ଲକ୍ଷ୍ୟ,ଦକ୍ଷତା ଶିକ୍ଷଣ ଫଳାଫଳ ଉପରେ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିନରେ ପିଲାମାନଙ୍କର ଶାରୀରିକ ବିକାଶ ସମ୍ବନ୍ଧୀୟ କର୍ଯ୍ୟ , ସାମାଜିକ,ଆବେଗିକ,ନୈତିକ ବିକାଶ ଉପରେ ସାଧନ କର୍ମୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ଏହିସବୁ ପ୍ରଶିକ୍ଷଣ ଦ୍ୱାରା ଶିକ୍ଷକ ଶିକ୍ଷୟତ୍ରୀ ମାନେ ଆଗକୁ ଆସୁଥିବା ଶିଶୁ ବାଟିକା ପିଲାମାନଙ୍କ ଶିକ୍ଷା ଓ ଶିକ୍ଷାର ମୂଳଦୁଆ କିଭଳି ଭାବେ ବିକାଶ ହୋଇପାରିବ ସେ ଦିଗରେ ପାରଦର୍ଶିତା ହୋଇପାରିବେ ।

## ବିଭିନ୍ନ ମନ୍ଦିର ପରିଦର୍ଶନ କଲେ ୨୪ ଐତିହାସିକ

ନିମାପଡା ୫/୩ (ନି.ପ୍ର): ଇତିହାସ ସଂକଳନ ସମିତି ଓଡିଶା ଦ୍ୱାରା ଆୟୋଜିତ ଏକ ପରିଭ୍ରମଣ କାର୍ଯ୍ୟକ୍ରମରେ ୨୪ ଐତିହାସିକ କୋଣାର୍କ ର ସୂର୍ଯ୍ୟମନ୍ଦିର, ଗଙ୍ଗେଶ୍ୱର ମନ୍ଦିର ସମେତ ବିଭିନ୍ନ ମନ୍ଦିର ପରିଭ୍ରମଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଐତିହାସିକ କମଳେଶ ଦାଶ , ଗୋପାଳ ମହାପାତ୍ର, ଡ ସନ୍ତୋଷ କୁମାର ମିତ୍ର, ଡ ପାରେଶ୍ୱର ସାହୁ, ଡ ଶିବ ପ୍ରସାଦ ଦାଶ, ଡ ଉମାକାନ୍ତ ମହାରଣା, ଡ ଭାରତୀ ପାଲ, ସଞ୍ଜୟ କୁମାର ବରାଳ, ଓ ଡ ରୀନା ଘଡେଇ ପ୍ରମୁଖ ଯୋଗ ଦେଇଥିଲେ । ଐତିହାସିକ ମାନଙ୍କ ଦ୍ୱାରା ଗବେଷଣା ମୂକ ଲୁକାୟିତ ତଥ୍ୟ ଗୁଡିକୁ ଆଗାମୀ ଦିନରେ ଇତିହାସ ରେ ସ୍ଥାନିତ କରିବାକୁ ଦାବି କରଯାଇଛି ।

## ମୂଷାଖୋରୀ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ପାଳିତ



ପାଟଣା ୫/୩ (ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ମୂଷାଖୋରୀ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଆଜି ପାଳିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଭାମାମଣି ଦାସ ଯୋଗ ଦେଇଥିବା ବେଳେ ବ୍ଲକ ସହକାରୀ ଶିକ୍ଷା ଧିକାରୀ ସଚ୍ଚିଦାନନ୍ଦ ସେଠୀ ଓ ସହକାରୀ ଶିକ୍ଷା ଧିକାରୀ ପ୍ରକାଶ ଚନ୍ଦ୍ର ରାୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସିଆର ସି ସି ସନ୍ତୋଷ କୁମାର ନାଏକ ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସହକାରୀ ଶିକ୍ଷା ଧିକାରୀ ବିଜୟ କୁମାର ଓଝା ଯୋଗ ଦାନ କରି ଛାତ୍ର ଛତ୍ରୀ ମାନଙ୍କୁ ଉତ୍ସା ହିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଭାରେ ଅଧ କ୍ଷତା କରିବା ସହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ର ରେ ପାରଦର୍ଶିତା ପ୍ରଦର୍ଶନ କରିଥିବା କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରା ଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରା ଯାଇଥିଲା ।

# ଆଜିଠୁ ୧୭ ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବ୍ରହ୍ମପୁର ୫/୩ (ନି.ପ୍ର): ଆସନ୍ତା ୫ ତାରିଖରୁ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଓଡିଶା ନାଟକ ସମାରୋହ ସମିତି ତରଫରୁ ୧୭ ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଅନୁଷ୍ଠିତ ହେବ । ଏନେଇ ବ୍ରହ୍ମପୁର ଗଂଜାମ କଳାପରିଷଦ ସ୍ଥିତ ଉତ୍କଳ ଆଶ୍ରମ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡିଶା ନାଟକ ସମାରୋହର ସଭାପତି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି । ଗଞ୍ଜାମ କଳା ,ସଂସ୍କୃତି ନାଟକ ପାଇଁ ଜାତୀୟ ସ୍ତରରେ ଅନେକ ସୁନା ଅର୍ଜନ କରିଛି । ନାଟକ ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ପ୍ରତ୍ୟେକ ନାଟ୍ୟକାର ଭିତରେ ଈଶ୍ୱରଙ୍କ ବିଶ୍ୱରୂପ ରହିଛି । ଏଣୁ ନାଟକ ବିନା ସମାଜ ବିକଶିତ ହୋଇପାରିବ ନାହିଁ । କଳାକାର ମାନେ ନିଜ ନିଜର ଦକ୍ଷତା ପରିବେଷଣ ପାଇଁ ଏକ ରଙ୍ଗମଞ୍ଚ ଉପରେ ନିର୍ଭର କରୁଛନ୍ତି । ଜିଲାରେ ନାଟକ କୁ ବଞ୍ଚାଇ ରଖିବା ସହ ନାଟ୍ୟକାର ମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ ପାଇଁ ଏଭଳି ନାଟକ ଜିଲାରେ ଗତ ୧୭ ବର୍ଷ ଧରି ବଞ୍ଚାଇ ରଖାଯାଇଛି ବୋଲି ସଭାପତି ପାତ୍ର କହିଛନ୍ତି । ବିଗତ ଦିନରେ ୪ ଜଣ ଦିବଙ୍ଗତ ନାଟ୍ୟକାରଙ୍କୁ ହରାଇଛି । ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମିତି ତରଫରୁ ଚଳିତ ବର୍ଷ ୪ ଜଣ ବରିଷ୍ଠ ନାଟ୍ୟକାରଙ୍କୁ ଉକ୍ତ ମହୋତ୍ସବରେ ସମ୍ମାନିତ କରାଯିବ ବୋଲି ସେ କହିଛନ୍ତି । ଏହି ପ୍ରକ୍ରିୟା ଆଗାମୀ ବର୍ଷ ମାନଙ୍କରେ ଜାରି ରହିବ ବୋଲି ମଧ୍ୟ ସେ କହିଛନ୍ତି । ପ୍ରଥମ ଦିବସରେ ଖୋର୍ଦ୍ଧା ଇନ୍ଦ୍ରଧନୁ ଥିଏଟର ସଂସ୍ଥାର ନାଟକ'କୂଳବଧୂ' , ଦ୍ୱିତୀୟ ଦିବସରେ ସମ୍ବଲପୁର ସ୍ୱର ନାଟ୍ୟସଂସ୍ଥା ତରଫରୁ ନାଟକ'କାରୁବାକି',ତୃତୀୟ ଦିବସରେ ରାଉରକେଲା ସସ୍ୱସ୍ତି ଝଙ୍କାର ତରଫରୁ ନାଟକ' ବିଶ୍ୱାସର ଆତ୍ମଲିପି',ଚତୁର୍ଥ ଦିବସରେ ପାରାଦ୍ୱୀପ କ୍ୟାନମାସ ତରଫରୁ ନାଟକ 'ମିଥ୍ୟାବାଦୀ ଜିନ୍ଦାବାଦ',ପଞ୍ଚମ ଦିବସରେ ଭୁବନେଶ୍ୱର ବିଦ୍ୟା କନକ ସୃଜନାନୁଷ୍ଠାନ ତରଫରୁ ନାଟକ'ମାଗୁଣିର ଶଗଡ଼' ଏବଂ ମହୋତ୍ସବର ଶେଷ ନାଟକ ଭାବେ ବାଲେଶ୍ୱର ସ୍ରଷ୍ଟା ନାଟ୍ୟସଂସ୍ଥା ତରଫରୁ ନାଟକ 'ପରିଚୟ' ମଂଚସ୍ଥ ହେବ । ପ୍ରତିଦିନ ନାଟକ ପୂର୍ବରୁ ଲୋକକଳା, ଲୋକନୃତ୍ୟ,ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ଓ ସମ୍ବର୍ଦ୍ଧନା ଅନୁଷ୍ଠିତ ହେବ ଏବଂ ନାଟକ ଶେଷରେ ପ୍ରତ୍ୟେକ ରାତ୍ର ନାଟକ ପରେ ଦର୍ଶକଙ୍କ ପାଇଁ ନାଟକ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଓଡିଶା ନାଟକ ସମାରୋହ ସମିତି ଦ୍ୱାରା ଆୟୋଜିତ ଏହି ନାଟକ ମହୋତ୍ସବକୁ ବ୍ରହ୍ମପୁର କଳାକାର ଏକତା ମଂଚ ସହଯୋଗ କରୁଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ନାଟକ ସମାରୋହର ସମିତିର ଉପଦେଷ୍ଟା ଇଂ.ଯାମିନି କାନ୍ତ ଦାସ ,ଉପସଭାପତି କୈଳାସ ପାଣିଗ୍ରାହୀ, ଇଂ. ସନ୍ୟାସୀ ମହାରଣା,ସାଧାରଣ ସମ୍ପାଦକ ନାରାୟଣ ମହାକୁଡ଼ , ସମ୍ପାଦକ ରାଜଗୋପାଳ ପାଢ଼ୀ, ପ୍ରମୁଖ ମଂଚାସୀନ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭବାନୀ ଶଙ୍କର ମିଶ୍ର, ମଦନ ମିଶ୍ର,ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ,ଆରତୀ ପାତ୍ର,ଜୟନ୍ତୀ ମିଶ୍ର,ସରୋଜ ପଣ୍ଡା,ଗିରିଜା ଶଙ୍କର ଦାସ,ସୁବାସ ସାହୁ,ନବୀନ ହୋତା ,କାର୍ତ୍ତିକ ପାଣିଗ୍ରାହୀ, ସୁନିଲ ସ୍ୱାଇଁ,ସିଏଚ. ଦେବଦାସ,ରାମେଶ୍ୱରାନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

## ପାଟଣା ପଞ୍ଚମ ଶ୍ରେଣୀ ମେଧାବୃତ୍ତି ଫଳ ପ୍ରକାଶିତ

ପାଟଣା ୫/୩ (ନି.ପ୍ର): ପାଟଣା ବ୍ଲକ ଅଞ୍ଚଳରେ ପଞ୍ଚମଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି । ଫଳାଫଳ ଅନୁଯାୟୀ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର କାବ୍ୟେଶ ବେହେରା ସର୍ବାଧିକ ୮୮ ନମ୍ବର ରଖି ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟ ରେ ସ୍ୱାମ ପାଟଣା ସରସ୍ୱତୀ ଶିଶୁ ମନ୍ଦିର ର ଦେବାଶିଷ ଦାଶ ୮୧ ନମ୍ବର ରଖିଛନ୍ତି । ତୃତୀୟ ରେ ତୁରୁମୁଙ୍ଗା ଶିଶୁ ବିଦ୍ୟାମନ୍ଦିରର ଝରଣା ମହାନ୍ତ ୮୦ ନମ୍ବର, ଚତୁର୍ଥରେ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦିତ୍ୟ ନାରାୟଣ ପଣ୍ଡା ୭୮ ନମ୍ବର, ପଞ୍ଚମରେ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଅର୍ଚ୍ଚିତା ମହାନ୍ତ ୭୬ ନମ୍ବର, ଷଷ୍ଠ ରେ ଚିନାମାଳିପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରୀମାନ ସୌମ୍ୟରଞ୍ଜନ ମହାନ୍ତ ୭୪ ନମ୍ବର ଓ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୁଭଶ୍ରୀ ତ୍ରିପାଠୀ ୭୩ ନମ୍ବର ପାଇଁ ପାଇ ସପ୍ତମ ସ୍ଥାନରେ ରହି ମେଧାବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ଆର୍ଥିକ ଅନଗ୍ରସର ଶ୍ରେଣୀ ମେଧା ବୃତ୍ତି ତାଲିକାର ପ୍ରଥମରେ ବଲାଣିପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରିୟଦର୍ଶୀନୀ ମହାନ୍ତ ୭୧ ନମ୍ବର, ଦ୍ୱିତୀୟ ରେ ମଲ୍ଲୀପଶି ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟର ଅଙ୍କିତ କୁମାର ରଣା ୭୦ ନମ୍ବର,୩ୟରେ ମୁରୁସୁଆଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶ୍ରୁତି ରାଣୀ ରାଉତ ୬୯ ନମ୍ବର, ୪ର୍ଥ ରେ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟର ଶୁଭମ ମହାନ୍ତ ୬୭ ନମ୍ବର, ୫ମ ରେ ଶୁଣ୍ଡିପଶି ପ୍ରାଥମିକ ବିଦ୍ୟାଳୟର ସ୍ୱସ୍ତିକ ମହାନ୍ତ ୬୬ ନମ୍ବର, ୬ଷ୍ଟ ରେ ସ୍ୱାମ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଓମପ୍ରକାଶ ମହାନ୍ତ ୬୫ ନମ୍ବର ଓ ୭ମ ରେ ମୁରୁସୁଆଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶକ୍ତି ସ୍ୱରପ ମିଶ୍ର ୬୪ ନମ୍ବର ରଖି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସଫଳତା ପାଇଥିବା ଛାତ୍ରଛାତ୍ରୀ ଙ୍କୁ ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାତ , ଏବିଇଓ ସଚ୍ଚିଦାନନ୍ଦ ସେଠୀ,ବିଜୟ ଓଝା,ପ୍ରକାଶ ରାୟ ଙ୍କ ସହ ଶିକ୍ଷକ ନେତା କମଳାକାନ୍ତ ପତି ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

## ପିଆଶାଳ ଗଡ ବୋଝେଇ ପିକଅପ ଜବତ

ପାଟଣା ୦୪/୦୩/୨୦୨୫ କଳିଙ୍ଗ ଜ୍ୟୋତି : ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ଦେଓବନ୍ଧ ବନକ୍ଷେତ୍ର ଅଞ୍ଚଳ ରଘୁବେଡା ନିକଟରୁ ବନବିଭାଗ ଗତରାତି ଏକ ପିଆଶାଳ ଗଣ୍ଡି ବୋଝେଇ ପିକଅପ୍ ଜବତ କରିଛି । କୌଣସି ସୂତ୍ରରୁ ଖବର ପାଇ ଘଟଗାଁର ନୂତନ ବନାଞ୍ଚଳ ଅଧିକାରୀ ସରୋଜ କୁମାର ମିଶ୍ର,ଦେଓବନ୍ଧ ବନପାଳ ସନ୍ତୋଷ କୁମାର ବେହେରା , ବନରକ୍ଷୀ ରାଜେଶ କୁମାର ଜେନା, ବନରକ୍ଷୀ ଯାଜ୍ଞସେନୀ ଗୋଛାୟତ ଓ ପାରା କର୍ମଚାରୀ ମାନେ ରଘୁବେଡାରେ ଚଢାଉ କରି ଲକ୍ଷାଧିକ ଟଙ୍କା ମୂଲ୍ୟର ପିଆଶାଳ ଗଡ ବୋଝେଇ ପିକଅପ କୁ ଜବତ କରିଥିଲେ । କାଠ ମାଫିଆ ମାନେ ଗାଡି ଛାଡି ଚମ୍ପଟ କରିଥିଲେ ।



## 'ବାହାର ଚିକ୍କଣ ଭିତର ପୋଲା'

### ଭଙ୍ଗା ଦଦରା କାନ୍ଥରେ ଚାଲିଛି ଗୋଡ ଭଗା ମଡେଲ ମାର୍କେଟ ନିର୍ମାଣ

ବରଗଡ଼ ୦୪/୦୩/୨୦୨୫ କଳିଙ୍ଗ ଜ୍ୟୋତି :ବରଗଡ଼ ଜିଲ୍ଲା ରେ ଚାଷ ଓ ଚାଷୀ ଙ୍କ ପାଇଁ ଭିତିଭୂମି ନାଁ ରେ କୋଟି କୋଟି ଟଙ୍କା ଖର୍ଚ୍ଚ ରେ ମଡେଲ ମଣ୍ଡି ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଅତାବିରା ଆରଏମସି ଅଧୀନ ଗୋଡଭଗା ମଡେଲ ମାର୍କେଟ ରେ ତାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା । ଯାହା ଭଙ୍ଗା ଦଦରା ବହୁ ପୁରୁଣା ଭୁଶୁଡ଼ି ଯାଇଥିବା କାନ୍ଥ ରେ ନିମ୍ନ ମାନର ମଡେଲ ମାର୍କେଟ ର ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ପୁରୁଣା ପିଲର ରେ ନବ ନିର୍ମିତ ମଡେଲ ମାର୍କେଟ ର ମୁଖ୍ୟ ଫାଟକ ତିଆରି ହେଉଥିବା ଦୃଶ୍ୟ ସାମ୍ନାକୁ ଆସିଛି । ଯାହା ପୂର୍ବରୁ ମଧ୍ୟ ଭଙ୍ଗା ଯାଇଥିବା ପୁରୁଣା କୋଠଘର ର ନାଳି ଇଟା,ବାଲି, ଗୋଡ଼ି ରେ ନୂତନ କୋଠଘର ସହ କଭର ସେଟ୍ ନିର୍ମାଣ ହୋଇଥିବା ବେଳେ ଭୁଶୁଡ଼ି ଯାଇଥିବା ଗୋଦାମ ଘର ର ଚୋପା ଛଡ଼ାଇ ନୂଆଁ ପ୍ଲାଷ୍ଟର ଲଗାଇ ରଙ୍ଗ ମାରି ତିଆରି କରି ପ୍ରଶାସନିକ ସ୍ତରରେ ଦୃଷ୍ଟି ଗୋଚର ହୋଇ ଥିଲେ ହେଁ ଏବେ ପୁଣି ନିମ୍ନ ମାନର କାର୍ଯ୍ୟ କୁ କାହା ସ୍ୱାର୍ଥରେ ପ୍ରଶ୍ରୟ ଦିଆ ଯାଉଛି ତାହା କେବଳ ଦାୟିତ୍ୱରେ ଥିବା ଜେଇ ଓ ଆରଏମସି ସମ୍ପାଦକ ଙ୍କୁ ଜଣା । ଏନେଇ ଜେଇ ମାନସ ସାମଲ ଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ପ୍ରତି ଉତ୍ତର ସ୍ୱରୂପ ସେଇ କାନ୍ଥ ର ପ୍ଲାଷ୍ଟର ଛଡେଇ,ଅତଡା ଖସି ପୁରୁଣା ଲୁହା ରଡ଼ ବିମ୍ ଓ ଛାତ ର ରିପିଆର ହେବ,ମୁଖ୍ୟ ଫାଟକ ର ଦୁଇ ପୁରୁଣା ପିଲର ଉପର ଭାଗ ଭାଙ୍ଗି ନୂଆଁ ଦୁଇଟି ପିଲର ରେ ମୁଖ୍ୟ ଫାଟକ ତିଆରି ହେବ ବୋଲି କହିଥିଲେ ।

# ଘରୋଇ ଶିକ୍ଷାନୁଷ୍ଠାନରେ ଫିଁ' ନ ଦେଇପାରି ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର

ବାଲିଗୁଡା ୫/୩ (ନି.ପ୍ର): ଛାତ୍ରୀଛାତ୍ର ଙ୍କ ମୌଳିକ ଶିକ୍ଷା ଅଧିକାର ପାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା କରିଛନ୍ତି । କୌଣସି ଜଣେ ମଧ୍ୟ ଛାତ୍ରୀଛାତ୍ର କିଭଳି ଶିକ୍ଷାରୁ ବଞ୍ଚିତ ହେବେ ନାହିଁ ତାକୁ ନିଶ୍ଚିତ କରିବା ପାଇଁ ବିଭିନ୍ନ ଟାସ୍କଫୋର୍ସ ମାଧ୍ୟମରେ ଶିକ୍ଷାର ବିକାଶ ପାଇଁ ତଦାରଖ କରୁଛନ୍ତି । ବିଭିନ୍ନ ସମସ୍ୟା ଯୋଗୁଁ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ର ଙ୍କୁ ମଧ୍ୟ ପୁନର୍ବାର ଶିକ୍ଷାଦାନ ପାଇଁ ପଦକ୍ଷେପ ନେଉଛନ୍ତି ହେଲେ ଏଭଳି ଘଟଣା ଦେଖିବାକୁ ମିଳିଛି ଗରୀବ ଅନୁସୂଚିତ ଜନଜାତି ଓ ଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ର ସପ୍ତମ ରୁ ନବମ ପର୍ଯ୍ୟନ୍ତ ପରୀକ୍ଷା ରୁ ବଞ୍ଚିତ ହୋଇଛନ୍ତି ଯାହାକି ଏ ସମ୍ପର୍କରେ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ବାଲିଗୁଡା ଉପଜିଲ୍ଲାପାଳ ଡ଼ଃ ରୀନା ପ୍ରଧାନ, କନ୍ଧମାଳ ଶିକ୍ଷା ଜିଲ୍ଲା ଅଧିକାରୀ, ଦାରିଙ୍ଗବାଡି ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର ଙ୍କ ଅଭିଭାବକ । ପ୍ରକାଶ ଯେ ଉକ୍ତ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ରହିଥିବା ଘରୋଇ ଅନୁଷ୍ଠାନ ପାଦ୍ରୀ ପିଓ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ରେ ସୋମବାର ଠାରୁ ଷଷ୍ଠରୁ ନବମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷା କରାଯାଉଛି ତେବେ କିଛି ଅଭିଭାବକ ବିଭିନ୍ନ କାରଣରୁ ବିଦ୍ୟାଳୟରେ ଶିକ୍ଷା ପାଇଁ ପ୍ରଦାନ କରାଯାଉଥିବା ମାସିକ ଫି କୌଣସି କାରଣରୁ ପ୍ରଦାନ କରିନଥିବା ଯୋଗୁଁ ଛାତ୍ରୀଛାତ୍ର ଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ପତ୍ର ରେ ଜଣାଯାଇଛି କ୍ଷ ପରୀକ୍ଷା ରୁ ବଞ୍ଚିତ ଛାତ୍ରୀଛାତ୍ର ମାନେ ନିରାଶ ହେବା ସହ ସେମାନେ ଏକ ମାନସିକ ଚାପରେ ଘରେ ରହିଥିବାରୁ ପରିବାର ଲୋକ ଚିନ୍ତାରେ ରହିଥିବା ଉଲ୍ଲେଖ କରାଯାଇଛି । ରାଜ୍ୟ ସରକାର ଙ୍କ ଅନୁବନ୍ଧିତ ରେ ସରକାରଙ୍କ



ଗାଇଡଲାଇନ କୁ ମାନି ବିଦ୍ୟାଳୟ ପରିଚାଳନା କରିବା ନିୟମ ରହିଥିଲେ ମଧ୍ୟ ଉକ୍ତ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ର ମାନଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି ଅଞ୍ଚଳର ଗରୀବ ଛାତ୍ରୀଛାତ୍ର ମାନଙ୍କ ଭବିଷ୍ୟତ ଗଢିବା ପାଇଁ ଅଞ୍ଚଳରେ ଏକ ମାତ୍ର ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ୧ ଦଶନ୍ଧି ପୂର୍ବରୁ ଖୋଲାଯିବା ସମୟରେ ଯେଉଁଭଳି ଲୋକଙ୍କ ସେବା ପାଇଁ କମ ଫି ରେ ଶିକ୍ଷାଦାନ କରାଯାଉ ଥିଲା ଏବେ ତାହା ବୃଦ୍ଧି କରାଯିବା ସହ ଅଭିଭାବକ ଓ ଛାତ୍ରୀଛାତ୍ର ଙ୍କୁ ଉପଯୁକ୍ତ ଖେଳ ପଡିଆ, ଶୌଚାଳୟ ଓ ବିଦ୍ୟାଳୟର ଅନୁସାଙ୍ଗିକ ବ୍ୟବସ୍ଥା କରାଯାଉନଥିବା ସେମାନେ ଅଭିଯୋଗ କରିଛନ୍ତି । ଏନେଇ ବିଦ୍ୟାଳୟର ମ୍ୟାନେଜର ତଥା ଚର୍ଚ୍ଚ ର ଫାଦର ଜୋସେଫ ମାଇକଲ ଙ୍କ ସହ ଯୋଗାଯୋଗ କରାଯଉବାରୁ ସେ କହିଛନ୍ତି ଯେ ଏକାଧିକ ଅଭିଭାବକ ମାସିକ ଫି କୁ ଶିକ୍ଷା ବର୍ଷ ଆରମ୍ଭ ରୁ ଏପର୍ଯ୍ୟନ୍ତ ଦେବାରେ ଚରମ ଅବହେଳା କରୁଛନ୍ତି ଏଥିପାଇଁ ପ୍ରତ୍ୟେକ ମାସରେ ସେମାନଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ରେ ଆଲୋଚନା କରାଯିବା ସହ ଯେଉଁ ମାନେ ଫି ଦେବାରେ ଅବହେଳା କରିଥିବେ ସେମାନଙ୍କ ଛାତ୍ରୀଛାତ୍ର ମାନେ ବାର୍ଷିକ ପରୀକ୍ଷା ରେ ବସିପାରିବେନି ବୋଲି ରେଜ୍ୟୁଲେସନ କରାଯାଇଥିବା ସେ କହିଛନ୍ତି । ସେ ଆହୁରି କହିଛନ୍ତି ଗୋଟିଏ ଦିନ ହିଁ ଛାତ୍ରୀଛାତ୍ର ଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯାଇଥିଲା ସେମାନଙ୍କୁ ଗୋଟିଏ ଦିନ ବାଦ ପଡିଥିବା ବିଷୟରେ ପରୀକ୍ଷା କରାଯିବ କୌଣସି ଛାତ୍ରୀଛାତ୍ର ଙ୍କୁ ହଇରାଣ କରିବା ତାଙ୍କ ଉଦ୍ଦେଶ୍ୟ ନାହିଁ ବୋଲି ସେ କହିଛନ୍ତି । ଏନେଇ ଅଭିଭାବକ ଶ୍ୟାମସେନ ଦିଗାଲ କହିଛନ୍ତି ଯେ ସେ ସ୍ୱାସ୍ଥ୍ୟହାନି ଯୋଗୁଁ ତାଙ୍କ ପିଲାଙ୍କ ଫି ସମ୍ପୂର୍ଣ୍ଣ ଦେଇପାରିନାହାନ୍ତି ସେ ସୋମବାର ୩ ହଜାର ପ୍ରଦାନ କରିଥିଲେ ମଧ୍ୟ ତାଙ୍କ ନାତି ଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯାଇଥିବା ସେ ଅଭିଯୋଗ କରିଛନ୍ତି ସେହିପରି ଅମରେନ୍ଦ୍ର ପ୍ରଧାନ, ପ୍ରତାପ ଦିଗାଲ, ଜଗବନ୍ଧୁ ଦିଗାଲଙ୍କ ସମେତ ଅନ୍ୟ ଅଭିଭାବକ ମାନେ ଏହି ଅଭିଯୋଗ କରିଛନ୍ତି ।

# ପୁଣି ୩୫୦ ପରିବାର ଜଳବନ୍ଦୀ ଆଶଙ୍କା

- ଆରମ୍ଭ କରି ୩ ବର୍ଷ ହେଲା ମନ୍ଥର ଗତିରେ ଚାଲିଛି ନିମ୍ନମାନର ବ୍ରିଜ କାମ
- ଶୁଣୁନାହାନ୍ତି ରାଜନେତା କି ତଦାରଖ ପାଇଁ ଆସୁନାହାନ୍ତି ଯନ୍ତ୍ରୀ



**ଲାଞ୍ଜିଗଡ଼,୫/୩ (ନି.ପ୍ର):** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣଙ୍କ ଉନ୍ନତି ପାଇଁ ସରକାର ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଠିକାଦାର ଓ ବିଭାଗୀୟ ଅବହେଳା ଯୋଗୁଁ ଅନେକ ଯୋଜନାର ସୁଫଳ ହୋଇ ପାରୁନାହିଁ। ଏହିଭଳି ଏକ ଅଭିଯୋଗ ଆସିଛି ଜଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ପଞ୍ଚାୟତ ସାହାଜପଡା ଗାଁ ନିକଟରେ ଥିବା କଲ୍ୟାଣି ନଦୀ ବ୍ରିଜ ନିର୍ମାଣରେ ।କଳାହାଣ୍ଡିର ଜଣେ ଠିକାଦାର ଏହାର ଠିକା ନେଉଥିବା ବେଳେ ୨୦୨୩ ମସିହାରେ ମେ ମାସରେ କାମ ଆରମ୍ଭ କରି ଆଜିକୁ ୩ ବର୍ଷ ହେଲା ମନ୍ଥର ଗତିରେ ନିମ୍ନ ମାନର ବ୍ରିଜ କାମ ଚାଲିଥିବା ଅଭିଯୋଗ ହୋଇଛି ।ଯାହା ଫଳରେ ପୁଣି ୩୫୦ ପରିବାର ଜଳବନ୍ଦୀ ଆଶଙ୍କା ରହିଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ଶୁଣୁନାହାନ୍ତି ରାଜନେତା କି ତଦାରଖ ପାଇଁ ଆସୁନାହାନ୍ତି ଯନ୍ତ୍ରୀ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବିଜେପୁର ପ୍ରଧାନୀପଡ଼ା ଛକରୁ ସାହାଜପଡ଼ା ଗ୍ରାମକୁ ସଂଯୋଗ କରୁଥିବା ୪ କିମି ପାଦଚଲା ରାସ୍ତା ମଝିରେ କଲ୍ୟାଣୀ ନଦୀ ରହିଥିବା ବେଳେ ସମ୍ପୂର୍ଣ୍ଣ ଭାବେ ସାହଜପଡ଼ାରୁ ଡକରିଗୁଡ଼ା, ବଣ୍ଡେଲ,ଗାଡ୍ରାଗୁଡା,ବାରଗୁଡ଼ା ଓ ବାଲିସରା ଗାଁକୁ ମଧ ପାଦଚଲା ରାସ୍ତା ରହିଛି। ଏମାନେ ମଧ ଏହି ନଦୀ ଯୋଗୁ ଜଳବନ୍ଦୀ ମଧ୍ୟରେ ରହିଛନ୍ତି। ଫଳରେ ବର୍ଷା ଦିନେ ନିଜ ପଞ୍ଚାୟତ କାର୍ଯ୍ୟାଳୟ ବିଜେପୁରକୁ ଓ ବ୍ଲକ୍ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଯିବା ପାଇଁ ଲୋକେ ନାନା ଅସୁବିଧା ଭୋଗୁଥିଲେ। ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ରହିଥିବା ଯୋଗୁ ୬ ମାସ ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀ ଜୀବନ କାଟୁଥିବା ବେଳେ ଆଉ ୬ ମାସ କଲ୍ୟାଣି ନଦୀରେ ପାଣି କମିବା ପରେ ବାଲିବସ୍ତା ଦେଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଥିଲା। ପଞ୍ଚାୟତରୁ ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବା, ଗୋରୁ ନଦୀ ପାର ହେବା, ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ଖଟିଆରେ ବୋହି ନେଉଥିବା ଦୃଶ୍ୟ ବର୍ଷ ବର୍ଷ ଧରି ନିତିଦିନିଆ ହୋଇଯାଇଛି ବୋଲି ଗାଁ ଲୋକେ ପ୍ରକାଶ କରିବା ସହ ସାହାଜପଡ଼ା ଓ ବିଜେପୁର ପ୍ରଧାନୀପଡ଼ା ମଧ୍ୟରେ ଥିବା କଲ୍ୟାଣୀ ନଦୀରେ ପୋଲ ନିର୍ମାଣ କରିବାକୁ ନେଇ କଳାହାଣ୍ଡି ଜିଲ୍ଲାପାଳ, ସାଂସଦ, ବିଧାୟକ, ବିଡିଓ, ସରପଞ୍ଚଙ୍କ ପାଖରେ ବର୍ଷ ବର୍ଷ ଧରି ଏହି ୬ଟି ଗ୍ରାମର ଅଧିବାସୀ ଗତ ୪୦ ବର୍ଷ ହେଲା ଦାବି ଜଣାଇ ଆସୁଥିଲେ ।ଏହା ସହିତ ଏହି ଗ୍ରାମବାସୀମାନେ ବାରମ୍ବାର ଭୋଟ ବର୍ଜନ କରିବା ସହ ରାଜରାସ୍ତାକୁ ଓଲ୍ଲାଇବୁ ବୋଲି ଚେତାବନୀ ଦେଇଥିଲେ ।ଏହାକୁ ସରକାର ଗୁରୁତର ସହ ଗ୍ରହଣ କରି ୨୦୨୩ ମସିହାରେ ଏହି ବ୍ରିଜ ନିର୍ମାଣ ପାଇଁ ଟେଣ୍ଡର କରି କଳାହାଣ୍ଡିର ଜଣେ ଠିକାଦାରଙ୍କୁ ବ୍ରିଜ ନିର୍ମାଣ ପାଇଁ ଦାଇତ୍ୱ ଦିଆଯାଇଥିଲା। ଠିକାଦାର ଜଣଙ୍କ ୨୦୨୩ ମେ ମାସରେ କାମ ଆରମ୍ଭ କରିଥିଲେ ।କିନ୍ତୁ ଠିକାଦାର ଜଣଙ୍କ ନିଜ କାମ ସ୍ଥାନକୁ ନଆସି ଆଉ ଜଣେ ଠିକାଦାରଙ୍କୁ ଦାଇତ୍ୱ ଦେଇଥିବା ବେଳେ ସେହି ଠିକାଦାର ଜଣକ ଜଣେ ମିସ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ଦାଇତ୍ୱ ଦେଇଛନ୍ତି ।ହେଲେ କାମ ସ୍ଥାନକୁ ବିଭାଗୀୟ ଯନ୍ତ୍ରୀ ତଦାରଖ ପାଇଁ ଆସୁନଥିବାରୁ ନିମ୍ନ ମାନର କାମକୁ ନେଇ ଲୋକେ ଅଭିଯୋଗ କରିଥିଲେ ।କିନ୍ତୁ ବିଭାଗୀୟ ଅଧିକାରୀ ମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି ।ଯାହା ଫଳରେ ନଦୀର ପୋଲ ନିର୍ମାଣ ପାଇଁ ପିଲର କରି କିଛି ଲୁହା ଛଡ଼ ଠିଆ କରି କିଛି ଦିନ କାମ କରି ଆଜିକୁ ୩ ବର୍ଷ ହେଲା କାମଟି ମନ୍ଥର ଗତିରେ ଚାଲିଥିବା ବେଳେ ଏହି ପୋଲ କାମ ଶୀଘ୍ର ଆରମ୍ଭ ନ ହେଲେ ବର୍ଷା ଦିନ ସମ୍ପୂର୍ଣ୍ଣ ଭାବେ ପୋତି ହୋଇ ଯିବ ବୋଲି ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି ।ଯାହା ଫଳରେ ପୁଣି ୩୫୦ ପରିବାର ଜଳବନ୍ଦୀର ଆଶଙ୍କା ରହିଛି ବୋଲି ଅଭିଯୋଗ କରିଛନ୍ତି ।ଏହାକୁ ନେଇ କଳାହାଣ୍ଡି ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ପିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ହାଟଡିହି,୫/୩ (ନି.ପ୍ର):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ଗଡଚଣ୍ଡି ପୀଠ ରେ ପିଇଓ ନାରାୟଣ ଜେନା ଙ୍କୁ ଜମ୍ପିରା ଗ୍ରାମ ପଞ୍ଚାୟତବାସୀ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ହାଟଡିହି ବିଡ଼ିଓ ରଞ୍ଜନ କୁମାର ପରିଡ଼ା,ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାର,ବିଧାୟକ ପାର୍ଥି ଆଲୋକ ସେଠୀ,ଯୁଧିଷ୍ଠିର ମଲ୍ଲିକ,ସରପଞ୍ଚ ଘନଶ୍ୟାମ ମଲ୍ଲିକ,ଜିପିଓ ଶରତ ଭେଜ୍ ପ୍ରମୁଖ ଯୋଗ ଦେଇଥିଲେ ।ଅବସରକାଳୀନ ସମ୍ବର୍ଦ୍ଧନା ସଭା ରେ ନାରାୟଣ ଜେନାଙ୍କ କାର୍ଯ୍ୟଶୈଳି, କାର୍ଯ୍ୟଦକ୍ଷତା, ଅମାୟିକ ବନ୍ଧୁତା ଏବଂ ସମସ୍ତଙ୍କ ପ୍ରତି ଥିବା ତାଙ୍କର ନିଷ୍ଠାପର ସହଯୋଗକୁ ମନେ ପକାଇ ଶ୍ରଦ୍ଧାର ସହିତ କୃତଜ୍ଞତା ଜ୍ଞାପନ କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ କାମନା କରି ,ପରିବାର ସହ ଅବସର କାଳୀନ ବାକି ସମୟ ଶୁଭଙ୍କର ହେଉ ବୋଲି ଭଗବାନ ଙ୍କ ନିକଟରେ ପାର୍ଥନା ଜଣାଇଥିଲେ ।ବିଡ଼ିଓ ଶ୍ରୀ ପରିଡ଼ା ନିଜ ଅଭିଭାଷଣ ରେ କହିଥିଲେ କଞ୍ଚା ଆଳୁ ଯେପରି ସିଝା ଆଳୁ ର କଷ୍ଟ ଜାଣି ପରେ ନାହିଁ ସେହିପରି ଚାକିରି କରିଥିବା ଲୋକ କେତେ ଦୁଃଖ କଷ୍ଟ ଦେଇ ନିଜ ଜୀବନ ବିତାଉଛନ୍ତି ସାଧାରଣ ଲୋକ ତାହା ବୁଝି ପାରିବେ ନାହିଁ ବୋଲି କହିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ବ୍ଲକ ର ସମସ୍ତ କର୍ମଚାରୀ,ପିଇଓ ଓ ଏଡିଇଓ ଙ୍କ ସମେତ ପଞ୍ଚାୟତ ର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ରହିଥିଲେ।

# ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



**ପାତ୍ରପୁର, ୫/୩ (ନି.ପ୍ର):** ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତର ସିନ୍ଦୁରାବାଡ଼ ଓ ତାବୁଡ଼ିଆ ଗ୍ରାମପାଇଁ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ଜଳ ବିଭାଗ ତରଫରୁ ପ୍ରାୟ ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଗ୍ରାମ୍ୟ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁକ୍ରବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶ୍ରୀ ସାମନ୍ତରା ଗ୍ରାମରେ ପହଂଚିବା ପରେ ସ୍ଥାନୀୟ ଆଦିବାସୀଙ୍କ ସହ ଦଳୀୟ କର୍ମୀ ବିଧାୟକଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରବର୍ଟ ପ୍ରଧାନ ,ବ୍ଲକ ଉପାଧକ୍ଷ ଅନାଦି ଚରଣ ପଣ୍ଡିତ, ମୀନା ଦ୍ୟାନ ସାମନ୍ତରା, ତୁମ୍ବା ସରପଞ୍ଚ ପ୍ରଶାନ୍ତ ସେଠୀ, ସମିତିସଭ୍ୟ ନାରାୟଣ ନାଇକ ,ଜରଡ଼ା ସମିତି ସଭ୍ୟ ସନ୍ତୋଷ ପ୍ରଧାନ ପ୍ରମୂଖ ଉପସ୍ଥିତ ଥିଲେ ।ବିଧାୟକ ନିଜ ଗସ୍ତ ସମୟରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହିତ ବାଇକ ଯୋଗେ ତାବୁଡ଼ିଆ ଗାଁରେ ପହଂଚି ପାହାଡ଼ ଶିଖରରୁ ତଳକୁ ଓଲ୍ହାଇ ରହୁଥିବା ଆଦିବାସୀଙ୍କ ଘର ବାଡିପଟେ ଥିବା ମାଟି ଅତଡା ବର୍ଷା ହେଲେ ଧୋଇ ହୋଇ ଘରେ ପଶୁଥିବା ସମସ୍ୟା ବୁଝି ଏହାର ସମାଧାନ ଦିଗରେ ଚେଷ୍ଟିତ ହେବେ ବୋଲି କହିଥିଲେ ।

# ଶିବ ମନ୍ଦିର ରୁ ଆରମ୍ଭ ରାମ ମନ୍ଦି ରେ ଶେଷ

**ବୌଦ୍ଧ,୫/୩ (ନି.ପ୍ର):** ଶ୍ରୀରାମ ଲାଲ ଙ୍କ ଜନ୍ମ ସ୍ଥାନ ଅଯୋଧ୍ୟା ରାମ ମନ୍ଦିର ଦର୍ଶନ ଅଭିମୁଖେ ଅଜିତ ରଣା । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କରଡ଼ି ଗ୍ରାମରୁ ପଦଯାତ୍ରା ଆରମ୍ଭ କରି ଅଯୋଧ୍ୟା ରାମ ମନ୍ଦିର ଦର୍ଶନ କରିବେ । ଅଜିତ ରଣା ମହା ଶିବରାତ୍ରୀ ସାରି କରଡ଼ି ଶୈବ ପୀଠରେ ମହାପ୍ରଭୁ ଶିବ ଙ୍କୁ ଦର୍ଶନ ପରେ ନିଜ ପଦଯାତ୍ରା ଆରମ୍ଭ କରିଥିଲେ । ପ୍ରଥମ ଦିନରେ ପ୍ରାୟ ୫୦କିଲୋମିଟର ପଦଯାତ୍ରା କରି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଠାରେ ରାତ୍ରି ଯାପନ କରିଥିବା ଜଣା ପଡିଛି । ତାଙ୍କ ପଦଯାତ୍ରା ଶୁଭାରମ୍ଭ ରେ କରଡ଼ି ଜାଗର ଯାତ୍ରା କମିଟି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଓ ତାଙ୍କ ପଦଯାତ୍ରା ସଫଳ ହେବା ନେଇ ଭଗବାନ ଶ୍ରୀରାମ ଚନ୍ଦ୍ର ଙ୍କୁ ଗୁହାରି ଜଣାଇଥିଲେ ।

# କୋଇଲାର କଳା ସାମ୍ରାଜ୍ୟ ନିର୍ଗୁଣ୍ଡି: ବିଲଡେରୁଆଁ ଗ୍ରାମବାସୀ ପ୍ରଦୂଷଣରେ ଅତିଷ୍ଠ



**ଟାଙ୍ଗୀ ଚୌଦ୍ୱାର ୫/୩ (ନି.ପ୍ର):** କଟକ ଜିଲ୍ଲାର ପ୍ରଦୂଷିତ ଅଞ୍ଚଳ ମାନଙ୍କ ମଧ୍ୟରୁ ଦିଲଡେରୁଆଁ ଅନ୍ୟତମ। ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଧିନ ହରିଆନ୍ତା ପଞ୍ଚାୟତର ନାର୍ଗୁଣ୍ଡି ରେଳ ଷ୍ଟେସନ ନିକଟରେ ଅବସ୍ଥିତ ଏହି ଗ୍ରାମ । ଏହି ରେଳଷ୍ଟେସନର ଅନତି ଦୂରରେ ରହିଛି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏହି ବିଦ୍ୟାଳୟରେ ୧୦୦ରୁ ଉର୍ଦ୍ଧ୍ୱ ପିଲା ପାଠ ପଢନ୍ତି । ଗ୍ରାମର ଭୋଟର ସଂଖ୍ୟା ପାଖାପାଖୁ ୧୨୦୦ । କିନ୍ତୁ ଦୁର୍ଭାଗ୍ୟର କଥା ଦୀର୍ଘ ୪ ବର୍ଷ ହେବ ଏମାନେ ଅସ୍ୱାସ୍ଥ୍ୟ କର ପରିବେଷରେ ଜୀବନ ନିର୍ବାହ କରି ଆସୁଛନ୍ତି । ପୂର୍ବରୁ ଗହମ, ଚାଉଳ ଓ ଅନ୍ୟାନ୍ୟ କମ୍ପାନୀ ଉତ୍ପାଦ ଭଳି ବିଭିନ୍ନ ପ୍ରକାରର ପଣ୍ୟଦ୍ରବ୍ୟ ରେଳ ଯୋଗେ ଏଠାରୁ ଯାଉଥିବା ବେଳେ ସ୍ଥାନୀୟ ଅଧିବାସୀ କର୍ମ ସଂସ୍ଥାନ ପାଇ ପରିବାର ପ୍ରତି ପୋଷଣ କରୁଥିଲେ । କିନ୍ତୁ କିଛି ଅର୍ଥ ପିପାସୁଙ୍କ ଲୋଲୁପ ଦୃଷ୍ଟି ପଡ଼ିବା ପରେ ଏଠାରେ ଆରମ୍ଭ ହେଲା କୋଇଲା ପରିବହନ। ତାଳଚେରରୁ କୋଇଲା ଆସି ଏଠାରେ ବଡ ବଡ କିନ୍ତୁ ମାନ କରାଯାଉଛି । ବଡ ଗାଡି ଯୋଗେ ପୁନର୍ବାର ଡିପୁରୁ ଉଠି ଲେଲୱେ ସାଇଡିଂ ରେ ପଡ଼ି ପେଲଡ ସାହାଯ୍ୟରେ ବଗିରେ ଲଦାଯାଇ, ପଶ୍ଚିମବଙ୍ଗ, ତାମିଲନାଡୁ, ଓ ଅନ୍ୟାନ୍ୟ ରାଜ୍ୟ ମାନଙ୍କୁ ଚାଲାଣ କରାଯାଉଛି । ଏହାସହିତ ୧୨ଚକିଆ ୧୪ଚକିଆ ଭଳି ବଡ଼ ବଡ଼ ଗାଡ଼ିରେ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି । ବାରମ୍ବାର ଲୋଡ ଅନଲୋଡ ଫଳରେ ଭାରୀ ମାତ୍ରାରେ ପ୍ରଦୂଷିତ ହେଉଛି ପରିବେଶ । କିଙ୍କର, ଚାର୍କୋଲ୍, ଜିପସମର ଅବୈଧ କାରବାର ପ୍ରଦୂଷଣକୁ ଦ୍ୱିଗୁଣିତ କରିଛି । ବର୍ଷା ଋତୁରେ ଗାଁ ଦାଣ୍ଡ ଓ ମୁଖ୍ୟ ରାସ୍ତା ବହଳ କଳା କାଦୁଅରେ ପରିପୂର୍ଣ ହେଉଛି । ଚପଲ ମାଡ଼ି କିମ୍ବା ଖାଲି ପାଦରେ ଚାଲି ଯିବା କଷ୍ଟ ସାଧ । ଗାଁ ଭିତରକୁ ବା ବାହାରକୁ ଥରେ ବାଇକ ବାହାରିଲେ ସର୍ଭିସିଂ ହେବାକୁ ବାଧ । ଗ୍ରୀଷ୍ମ ଋତୁରେ ବିଲଡେରୁଆଁ ଓ ଏହାର ଆଖ ପାଖରେ ଥିବା ଗାଡିଆ, ପୋଖରୀ, କୂଅ ପାଣିର ଉପରେ ପରସ୍ତ ପରସ୍ତ କୋଇଲାର ଗୁଣ୍ଡ ଭାସିବା ସହ ପଖାଳ ହାଣ୍ଡିରେ ଭାସିବାର ଜାଣିବାକୁ ମିଳିଛି । ରାତିରେ ଘରେ ଶୋଇଥିବା ପିଲାଟି ନାକରୁ ସକାଳେ କଳା ବାହାରୁଛି । ପାହାଡ ପରି ଛିଡ଼ା ହୋଇଥିବା କୋଇଲା ଗଦାରେ ସମୟେ ସମୟେ ନିଆଁ ଲାଗି ଯାଏ। ଗରମ ବୃଦ୍ଧି ହେବା ସହ ଧୂଆଁରେ ଗାଁ ଓ ସ୍ଥାନୀୟ ଅଞ୍ଚଳ ଧୂମ୍ର ମୟ ହୋଇଯାଏ ।

ଏହା ଛଡ଼ା ବିଲଡେରୁଆଁ ପାଲଟିଛି ଅପମିଶ୍ରଣର ପେଣ୍ଠସ୍ଥଳି । ବୁଡ଼ା କେନ୍ଦୁଆ, ଓ ତାଳଚେର ଅଞ୍ଚଳରୁ ଆମଦାନୀ ହୋଇ ଆସୁଥିବା ଚାରକୋଲ, ଏବେ କୋଇଲା ଅପମିଶ୍ରଣର ପ୍ରମୁଖ ଦ୍ରବ୍ୟ । ଅପମିଶ୍ରିତ କୋଇଲାକୁ ବିକ୍ରି କରି କୋଟି କୋଟି ଟଙ୍କାର ମୁନାଫା କମାଉଛନ୍ତି କିଛି ଦଲାଲ ଓ ପରିବହନ ସଂସ୍ଥା ।

# ମିନି ବସୁଧା କାର୍ଯ୍ୟରେ ଅନିୟମିତତା ଅଭିଯୋଗ



**ଲାଞ୍ଜିଗଡ,୫/୩ (ନି.ପ୍ର):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ପ୍ରଧାନିପଡା ଗ୍ରାମରେ ବସୁଧାରୁ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାଣି ନେବାକୁ ହେଲେ ଠିକାଦାର ନକରି ଘରବାଲା ନିଜେ ପାଇପ ପାଇଁ ରାସ୍ତା ଖୋଳି ନେଉଥିବା ଅଭିଯୋଗ ହେଉଛି । ଲାଞ୍ଜିଗଡ଼ ବ୍ଲକରେ ବର୍ଷ ସାରା ଜଳଶଙ୍କଟ ଲାଗି ରହିଥିବା ବେଳେ ଅଞ୍ଚଳ ଲୋକ ବିଭିନ୍ନ ସମୟରେ ରାସ୍ତା ରୋକ,ଧାରଣା ମଧ୍ୟ ଦେଉଥିବା ଦେଖୁବାକୁ ମିଳୁଛି ହେଲେ ଲାଞ୍ଜିଗଡ ଅଞ୍ଚଳରେ ଜଳସଙ୍କଟ ସୁଧାର ଆସିପାରୁନି ନ ଜଳ ଓ ପରିମଳ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି ସତ ହେଲେ ଯନ୍ତ୍ରୀ ଓ ଠିକାଦାରଙ୍କ ବାଟମାରାଣ ନୀତିଯୋଗୁଁ ଅତି ନିମ୍ନମାନ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ଏହିପରି ଏକ ଅଭିଯୋଗ ହେଉଛି ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ପ୍ରଧାନୀପଡ଼ା ଗାଁରେ କ୍ଷଧ। ସୂଚନାମତେ ପ୍ରଧାନୀପଡ଼ା ଗାଁରେ କିଛି ମାସ ହେବ ମିନି ବସୁଧା ପାଣି ଟାଙ୍କି କାର୍ଯ୍ୟ ଚାଲିଛି ଓ ପାଇପ ଯୋଗେ ପ୍ରତ୍ୟେକ ଘରକୁ ଜଳ ଯୋଗାଣର ବ୍ୟବସ୍ଥା ମଧ୍ୟ ରହିଛି ହେଲେ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାଣି ନେବାକୁ ହେଲେ ନିଜେ ଶ୍ରମଦାନ କରିବାକୁ ପଡୁଛି ବୋଲି ଗାଁଲୋକେ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି । ସରକାରଙ୍କ ନିୟମ ରହିଛିଯେ ମୁଖ୍ୟ ପାଣି ପାଇପ ଠାରୁ ତିନି ମିଟର ପର୍ଯ୍ୟନ୍ତ ଖାଲଖୋଳି ଛୋଟ ପାଇପ ଯୋଗେ ଘରକୁ ସଂଯୋଜନା କରି ଷ୍ଟାଣ୍ଡପୋଷ୍ଟ ନିର୍ମାଣକରିବା ପାଇଁ । ହେଲେ ଏଠି କାର୍ଯ୍ୟରତ ଠିକାଦାର କହୁଛନ୍ତି ମୁଖ୍ୟ ପାଣି ପାଇପରୁ ନିଜେ ଖାଲଖୋଳି ନିଜେ ଷ୍ଟାଣ୍ଡପୋଷ୍ଟ ନିର୍ମାଣକରିବା ପାଇଁ ନହେଲେ ଆମେ ଖୋଳାଖୋଳି କରିପାରିବୁ ନାହିଁ ବୋଲି ଠିକାଦାର କହୁଥିବା ଅଭିଯୋଗ କରୁଛନ୍ତି ଗ୍ରାମବାସୀ । ଗାଁଲୋକେ ମୁଖ୍ୟ ପାଇପ ଠାରୁ ନିଜେ ଗାତଖୋଳି ପାଇପ ସଂଯୋଜନା କରି ଷ୍ଟାଣ୍ଡପୋଷ୍ଟ ତିଆରି କରୁଥିବା ବେଳେ ପରିଶ୍ରମ ଅର୍ଥ ମଧ୍ୟ ମିଳୁନ ଥିବା ଅଭିଯୋଗ ହେଉଛି । ସରକାର ପ୍ରତ୍ୟକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ ହେଲେ ଠିକାଦାର ଓ ଯନ୍ତ୍ରୀ ଙ୍କ ପାଇଁ ନା ଗ୍ରାମ ବାସୀଙ୍କ ପାଇଁ ବୋଲି ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି କ୍ଷ ଏନେଇ ଆମେ କାର୍ଯ୍ୟରତ ଠିକା ଦାରଙ୍କୁ ପଚାରିବାରୁ ଆମେ ଲୋକଙ୍କୁ କାମ କରେଇଛୁ ଓ ତାଙ୍କ ପାରିଶ୍ରମିକ ଦେଇନୁ ଦୁଇ ଦିନ ସମୟ ମାଗୁଛୁ ନିଶ୍ଚୟ ତାଙ୍କ ପାରିଶ୍ରମିକ ଅର୍ଥ ଦେଇ ଦେଉବୁ ବୋଲି ପ୍ରକାଶ କରିଛନ୍ତି । ତେବେ କାମ କରିଥିବା ଲୋକଙ୍କୁ କେବେ ତାଙ୍କର ପାରିଶ୍ରମିକ ଅର୍ଥରାଶି ଦିଆଯାଉଛି ନା ଭୁଆଁ ବୁଲାଇ ଛୁ ମାରୁଛନ୍ତି ଠିକାଦାର ତାହା ଦେଖିବାକୁ ବାକି ରହିଲା ।

# ଶିଶୁମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ



**ଚିକିଟି, ୫/୩ (ନି.ପ୍ର):** ଚିକିଟୀ ପେଣ୍ଠ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜିକା ଶ୍ରୀମତି ମିନତୀ ପାଠୀ ମୁଖ୍ୟଅତିଥି ରୂପେ ଉପସ୍ଥିତ ଶିଶୁମାନଙ୍କୁ ଜାତୀୟ ବିଜ୍ଞାନ ଦିବସ ପାଳନ କରିବାର ଉଦ୍ଦେଶ୍ୟ ସହ ଭାରତୀୟ ବୈଜ୍ଞାନିକମାନଙ୍କ ବିଶ୍ୱପ୍ରତି ଦେଇଥିବା ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ଏଥିସହ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କର ରମଣରଶ୍ମି ଉଦ୍ଭାବନ ପାଇଁ ନୋବେଲ୍ ? ପୁରସ୍କାର,ଭାରତରନ୍ ସହ ବିଶ୍ୱର ଅନେକ ଦେଶ ପୁରସ୍କୃତ କରିଥିବା ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିଶୁମାନଙ୍କ ମଧ୍ୟରେ ବୈଜ୍ଞାନିକମାନଙ୍କ ପ୍ରଦର୍ଶନୀ, ବୈଜ୍ଞାନିକମାନଙ୍କ ଜୀବନୀ କଥନ, ସ୍ୱଳ୍ପ ମୂଲ୍ୟରେ ବିଜ୍ଞାନ ଉପକରଣ ପ୍ରସ୍ତୁତି ଓ ପ୍ରୟୋଗ ବିଷୟରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭଲ ଦକ୍ଷତା ପ୍ରଦର୍ଶନ କରିଥ ?ବା କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମହୋଦୟା ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ପର୍ଯ୍ୟାୟପ୍ରମୁଖ ଏସ୍. ସତ୍ୟନାରାୟଣ ପରିଚୟପ୍ରଦାନ ସହ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ପ୍ରଧାନାଚାର୍ଯ୍ୟ ନିରଞ୍ଜନ ବିଷୋୟୀଙ୍କ ତତ୍ତ୍ୱାବଧାନରେ ଓ ଅନୁଷ୍ଠାନର ବିଜ୍ଞାନ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସଫଳ ରୂପାୟନ ହୋଇଥିଲା।

# ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ନିମାଇଁ ଚରଣ ହୋତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

**ନିଆଳୀ, ୫/୩ (ନି.ପ୍ର):** କଟକ ଜିଲ୍ଲା ନିଆଳୀ ବ୍ଲକ ଅନ୍ତର୍ଗତ ସିଠାଳୋ ଉଚ୍ଚ ବିଦ୍ୟାଳୟ, ପରିସରରେ ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ନିମାଇଁ ଚରଣ ହୋତା ଙ୍କ ଉଦ୍ଦ୍ୟେଶରେ ଏକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶୀଯୁକ୍ତ ହୋତା ଙ୍କର ପୂର୍ବ ସହକର୍ମୀ,ପ୍ରାକ୍ତନ ଛାତ୍ର ଏବଂ ସମାଜ ର ସବୁବର୍ଗ ର ଶୁଭେଚ୍ଛୁ ଯୋଗ ଦେଇ ତାଙ୍କ ଗୁଣ କୀର୍ତ୍ତନ କରିବା ସହ ବିଦେହୀ ଆତ୍ମା ର ସଦଗତି ପାଇଁ ଈଶ୍ୱର ଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀ ଭଗବାନ ବସ୍ତିଆ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ନିଆଳି ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ର ସଭାପତି ଶ୍ରୀ ରମାକାନ୍ତ ସ୍ୱାଇଁ ସଭା ପରିଚାଳନା କରିଥିଲେ। ନିମାଇଁ ହୋତା ଙ୍କ ବଡ ଭାଇ ଶ୍ରୀ ଗୌରାଙ୍ଗ ଚରଣ ହୋତା, ପୁଅ ତାରେକନାଥ ହୋତା ଓ ଝିଅ ପ୍ରଣତି ହୋତା,ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ସାଂସଦ ଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି,ସଭାରେ୨ ଯୋଗଦାନ କରି ସଭା ଆୟୋଜନକାରୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଥିଲେ। ଓଷ୍ଟା ର ପୂର୍ବ ବ୍ଲକ ସଭାପତି ରମେଶ ଚନ୍ଦ୍ର ମହାପାତ୍ର, ଶଗଡ଼ାଇଲୋ ପଞ୍ଚାୟତ ର ପୂର୍ବ ସରପଞ୍ଚ ଅନିରୁଦ୍ଧ ମଲ୍ଲିକ ପ୍ରଭୃତି ବିଶିଷ୍ଟ ବ୍ୟକ୍ତି ଗଣ ସ୍ୱର୍ଗତଃ ହୋତା ଙ୍କର ଗୁଣ କୀର୍ତ୍ତନ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ପୁରାତନ ଛାତ୍ର ଆତ୍ରବନ୍ଧୁ ପାତ୍ର ଙ୍କ ସମେତ ପୁରାତନ ଛାତ୍ର ମାନେ ସହଯୋଗ କରିଥିଲେ ।

# ମାଜସେବୀ ବାପି ମହାନ୍ତିଙ୍କୁ ଭାରତ ଗୌରବ ସମ୍ମାନ ପ୍ରଦାନ



**ତାଳଚେର,୫/୩ (ନି.ପ୍ର):** ଜନସେବା ତଥା ସମାଜର କଲ୍ୟାଣ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିବା ସମାଜସେବୀ ବାପି ମହାନ୍ତିଙ୍କୁ ଭାରତ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି । କଲଚରାଲ ଡେଭେଲପ୍ ଫାଉଣ୍ଡେସନ ତରଫରୁ ପୁରୀ ଜଗନ୍ନାଥ ଧାମ ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ଠାରେ ନ୍ୟାସନାଲ ଆୱାର୍ଡ଼ ସେରିମନି - ୨୦୨୫ କାର୍ଯ୍ୟକ୍ରମ ପାଳନ ଅବସରରେ ଉତ୍କୃଷ୍ଟ ସେବା କାର୍ଯ୍ୟ ନିମନ୍ତେ ବାପି ମହାନ୍ତିଙ୍କୁ ଭାରତ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ଶ୍ରୀ ମହାନ୍ତି ନିଜର ଦକ୍ଷତା, ସୃଜନଶୀଳତା, ଦୃଢ଼ତା ପ୍ରତିପାଦନ କରି ସମାଜ ପାଇଁ ଭଲ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏଥିପାଇଁ ଶ୍ରୀ ମହାନ୍ତିଙ୍କୁ ଉକ୍ତ ସମ୍ମାନ କରାଯିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାସ୍ତୁ ଏବଂ ଆଷ୍ଟ୍ରୋଲୋଜି ବିଷାରଦ ଡ. ମନ୍ମଥ ମିଶ୍ର,ସାମାଜିକ କର୍ମୀ ଷ୍ଟାଲିନ ପରିଜା,କାଲିଫର୍ଣ୍ଣିଆ ଟିଭି, ଆମେରିକା (ଗ୍ଲୋବାଲ)ଇଣ୍ଡିଆ କରେସପଣ୍ଡେଣ୍ଟ କୌଶିକ ଘୋଷ ଚୌଧୁରୀ, ନୃତ୍ୟଗୁରୁ ମୌମିତା ବିଶ୍ୱାସ,ସାମାଜିକ କର୍ମୀ ସବିତା ହରିଚନ୍ଦନ ପ୍ରମୁଖ ଯୋଗ ଦେଇଥିବା ବେଳେ କଲଚରାଲ ଡେଭେଲପ୍ ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ଉପେନ୍ଦ୍ର କୁମାର ଶର୍ମା ଓ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ